ସକାଳ THE SAKALA



www.sakalaepaper.com

## ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଁ ଜିଲ୍ଲାରେ ସ୍କୁଲ ସମୟ ପରିବର୍ତ୍ତନ

# ସକାଳ ସାଢ଼େ ୬ରୁ ଆରମ୍ଭ ପୂର୍ବାହ୍ନ ସାଢ଼େ ୧୦ଟାରେ ଶେଷ

**ଭଦ୍ରକ, ୬।୪(ସମିସ):** ପାଣିପାଗ ବିଭାଗର ସ୍ୱତନ୍ତ୍ର ବୁଲେଟିନ୍ ଆଧାରରେ ଭଦ୍ରକ ଜିଲ୍ଲାରେ ସ୍କୁଲ ସବୁର ଖୋଲା ରହିବା ସମୟର ପରିବର୍ତ୍ତନ କରାଯାଇଛି। ଉକ୍ତ ବିଭାଗୀୟ ବୁଲେଟିନ୍ ଅନୁଯାୟୀ ଗ୍ରୀଷ୍ମ ପ୍ରବାଦ ବୃଦ୍ଧି ଜନିତ ପରିସ୍ଥିତି ସୃଷ୍ଟି ହେବାର ସୂଚନା ଥିବାରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍କୁଲ ସମୟ ନିର୍ଦ୍ଧାରଣ ନେଇ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁମୋଦନ କ୍ରମେ ସକାଳ ୬.୩୦ ମିନିଟ୍‌ରୁ ପୂର୍ବାହ୍ନ ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ରହିବା ନେଇ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆଦେଶ ଜାରି ରହିବ। ପୁଣି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଜନିତ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଶିକ୍ଷାନୁଷ୍ଠାନରେ ନିରାପଦ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ମହଜୁଦ ରଖିବାକୁ ସମସ୍ତ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରିନ୍ସିପାଲମାନଙ୍କୁ କୁହାଯାଇଛି। ଛାତ୍ରାବାସ ବା ଆବାସିକ ବ୍ୟବସ୍ଥା ଥିବା ସ୍କୁଲ ମାନଙ୍କରେ ମଧ୍ୟ ଯଥେଷ୍ଟ ଜଳ, ଓଆରଏସ୍ ଓ ଫାଷ୍ଟଏଡ୍ ବାକ୍ସ ସୁବିଧା ଉପଲବ୍ଧ ନେଇ ନିଶ୍ଚିତତା କରାଇବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସ୍କୁଲରେ ପାଠପଢ଼ା ସମୟରେ ବା ଉକ୍ତ ସମୟ ବାହାରେ କୌଣସି କ୍ରୀଡ଼ା, ଡ୍ରିଲ ଆଦିକୁ ପିଲାମାନଙ୍କ ପାଇଁ ନିଷେଧ କରାଯାଇଛି। ସମ୍ପୃକ୍ତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ନିୟମନିଷ୍ଠ ଭାବେ ଏହି ଆଦେଶନାମାକୁ ଅନୁପାଳନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

# ସାଂସଦ ପ୍ରାର୍ଥିନୀଙ୍କୁ ଭେଟିଲେ ନେତା ଓ କର୍ମୀ

**ଧାମନଗର, ୬।୪(ସମିସ):** ବିଜେଡି ସାଂସଦ ପ୍ରାର୍ଥୀ ଭାବେ ମଞ୍ଜୁଲତା ମଣ୍ଡଳଙ୍କ ଉପରେ ୨ୟ ଥର ଭରସା କରିଛି ବିଜୁ ଜନତା ଦଳ। ପ୍ରାର୍ଥିନୀ ଘୋଷଣା ପରେ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଭଦ୍ରକ ବାସଭବନରେ ଲୋକସଭା ନିର୍ବାଚନ ମଣ୍ଡଳୀରୁ କର୍ମୀ ଓ ନେତାଙ୍କ ଛୁଟିଛି ଶୁଭେଚ୍ଛାର ଶୁଅ। ଧାମନଗର ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପ୍ରତାପ ସାମଲ, ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଯୁବ ସଭାପତି ସାଧନା ନାୟକ, ସୁଶାନ୍ତ କୁମାର ନାୟକଙ୍କ ସମେତ ବହୁ ନେତା ଓ ଜିଲ୍ଲା ପରିଷଦ ପ୍ରମୁଖ ବାସଭବନରେ ପହଞ୍ଚି ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି।



ସେହିପରି ଧାମନଗର ଏନ୍‌ଏସି ପକ୍ଷରୁ ସାଂସଦ ନଗର ପ୍ରତିନିଧି ଜଗଦୀଶ ପାତ୍ରଙ୍କ ନେତୃତ୍ୱରେ ସହରରୁ ଶତାଧିକ କର୍ମୀ ଓ ନେତା ତଥା ଏନ୍‌ଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, କୁମାରେଶ ଖିଲାର, କାଉନସିଲର ପ୍ରତିନିଧି ସେକ ସମସୁଦ୍ଦିନ, ଏମଡି ଖଲିଉଲ୍ଲା(ବାବୁନୁ), ସେକ ମୁରତୁଜା, ବିଜୟ କୁମାର ବେହେରା, ବିଶ୍ୱରଞ୍ଜନ ଘଳେଇ, ରମେଶ ଚନ୍ଦ୍ର ଜେନା, ସେକ କାଲେ, ସେକ ବୁଟୁ, ପିତାମ୍ବର ସ୍ୱାଇଁ, ବିଶ୍ୱଜିତ ବାରିକ, ଦୀପକ ରାମ, ସେକ ସୁରଜ, ସେକ ଜୁଲୋ, ସେକ କାଦରି ପ୍ରମୁଖ ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଏବଂ ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

# ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ



**ଭଣ୍ଡାରିପୋଖରୀ, ୬।୪(ସମିସ):** ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ପ୍ରବେଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ନବାଗତ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପ୍ରବେଶର ପ୍ରଥମ ଦିନକୁ ସ୍ମରଣୀୟ କରିବା ପାଇଁ ତଥା ବିଦ୍ୟାଳୟ ସହ ଭାବଗତ ସମ୍ପର୍କ ଯୋଡିବା ପାଇଁ ଓଡ଼ିଶାର ବିଦ୍ୟାଳୟ ତଥା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ଉତ୍ସବକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରତ୍ୟେକ ଛାତ୍ର କିମ୍ବା ଛାତ୍ରୀ ବିଦ୍ୟାଳୟ ପରିବାର ତଥା ସମାଜ ପରିବାରର ଏକ ଅମୂଲ୍ୟ ସମ୍ପଦ। ବିଦ୍ୟାଳୟରେ ପ୍ରଥମ ଦିନ ତମାମ ଜୀବନରେ ଅବିସ୍ମରଣୀୟ ଛବିଟିଏ ଆଙ୍କି ଦିଏ। ବିଦ୍ୟାଳୟ ସହିତ ଭାବଗତ ପରିଚୟ ସୃଷ୍ଟି ହେଲେ ସମାଜ ଆହୁରି ଆଗକୁ ଯାଇ ପାରିବ ବୋଲି କହିଥିଲେ। ଏହି ଉତ୍ସବକୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ପୌରପାଳିକା ପକ୍ଷରୁ ୭ଟି ଜଳଛତ୍ର ଖୋଲିଲା

**ଭଦ୍ରକ, ୬।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜି ଭଦ୍ରକ ପୌରପାଳିକା ପକ୍ଷରୁ ସହରର ୭ଟି ପାନୀୟ ଜଳଛତ୍ର ଆଜି ଖୋଲିଛି। ସହରର ମହତାବ ଛକ, ବନ୍ତ ଛକ, ପୁରୁଣାବଜାର ଛକ, ସାଳନ୍ଦୀ ବାଇପାସ ଛକ, ଟାଉନହଲ ଛକ, ଚରମ୍ପା ଛକ ଓ ବସ୍‌ଷ୍ଟାଣ୍ଡ ପରିସରରେ ଏହି ଜଳଛତ୍ର ପୌରପାଳିକା ପକ୍ଷରୁ ଖୋଲାଯାଇଛି। ତେବେ ଅସହ୍ୟ ଗରମ ତଥା ରୌଦ୍ରତାପ ଯୋଗୁଁ ସହରରେ ଅଧିକ ସଂଖ୍ୟକ ପାନୀୟ ଜଳଛତ୍ର ଖୋଲିବାକୁ ଦାବି ହୋଇଛି।



# ଶ୍ରୀଜଗନ୍ନାଥଙ୍କ ଆରାଧନା ପାଇଁ ପ୍ରସ୍ତୁତି ବୈଠକ

**ଭଦ୍ରକ, ୬।୪(ସମିସ):** ବୈଶାଖ ମାସ ପଣା ସଂକ୍ରାନ୍ତିଠାରୁ ନୂଆବର୍ଷ ଆରମ୍ଭ ହୋଇଥାଏ। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏହାକୁ 'ଉତ୍କଳୀୟ ଚେତନା ଦିବସ' ଭାବରେ ଗ୍ରହଣ କରାଯାଇ ଆସୁଅଛି। ଏହି ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଭଦ୍ରକସ୍ଥ ଶ୍ରୀବାଲଗୋପାଳ ମନ୍ଦିର ସଭାଗୃହରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ପ୍ରସ୍ତାବମାନ ଗ୍ରହଣ କରାଯାଇଛି। ମହାବିଷୁବ ସଂକ୍ରାନ୍ତିରେ ଇଚ୍ଛାପୁର କୁଣ୍ଡିବାଗ ଶ୍ରୀଜଗନ୍ନାଥ ମନ୍ଦିର ସେବକ କାହ୍ନୁଚରଣ ଦାଶ ଓ ସନାତନ ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରୀଜଗନ୍ନାଥଙ୍କ ଷୋଡ଼ଶ ଉପଚାର ପୂଜା, ବିଶ୍ୱ ଶାନ୍ତି ଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସହ ନେତ ଉଡ଼ାଣ ହେବାକୁ ଧାର୍ଯ୍ୟ କରାଯାଇଛି। ପୂର୍ବାହ୍ଣରେ ପ୍ରଚାର ସମିତି ପକ୍ଷରୁ ଧାମନଗର ବ୍ଲକସ୍ଥ ନାରାୟଣପୁର ଗ୍ରାମରେ ମହାବୀର ଶ୍ରୀହନୁମାନ ଜୟନ୍ତୀ ସମାରୋହରେ ସଂକୀର୍ତ୍ତନ, ମହାବୀର ହନୁମାନ ଓ ଶ୍ରୀଜଗନ୍ନାଥଙ୍କ ତଥ୍ୟ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଇ ଏକ ଶାଖା ଗଠନ କରିବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଭଞ୍ଜନ ରାହୁଳଙ୍କ ତତ୍ତ୍ୱାବଧାନରେ ସମାହିତ ହେବାକୁ ସ୍ଥିର କରାଯାଇଛି। ଅପରାହ୍ଣ ୫ଟାରେ ଭଦ୍ରକ ବାଇପାସ୍‌ସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ଏକ ଧାର୍ମିକ ଆଲୋଚନା ସମାରୋହ କରାଯିବାକୁ ସ୍ଥିର ହୋଇଛି। ଏହି ବୈଠକରେ ସମିତିର ଆବାହକ ସେବକ ଶରତ କୁମାର ସାହୁ ଶ୍ରୀଜଗନ୍ନାଥ ସ୍ତୁତି ପାଠ ପୂର୍ବକ ପୂର୍ବ ବୈଠକର ବିବରଣୀ ଉପସ୍ଥାପିତ କରିଥିଲେ। ଏହି ବୈଠକରେ ସହଆବାହକ ବାବୁଲାଲ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ଦାସ, ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର, ଅଧ୍ୟକ୍ଷ ଡ. କୃପାସିନ୍ଧୁ ନାୟକ, ଲକ୍ଷ୍ମୀଧର ଖଟୁଆ, ଉପଦେଷ୍ଟା ସନେଇ ଶିଅଳ, ବଳରାମ ମହାନ୍ତି, କାହ୍ନୁ ଚରଣ ଦାସ, ସନାତନ ସାହୁ, ବୀରନାରାୟଣ ଦାଶ, କାଶୀନାଥ ପଣ୍ଡା ପ୍ରମୁଖ ସେବକ ଆଲେଶଚନାରେ ଭାଗ ନେଇଥିଲେ।

# କୋଇଲା ଜବତ, ଜଣେ ଗିରଫ

**ତିହିଡି, ୬।୪(ସମିସ):** ଦିନରେ ଚାଲୁଥିଲା କୋଇଲା ଚୋରା ଚାଲାଣ। ଆଉ ଖବର ପାଇ ପୁଲିସ ଗାଡ଼ିର ପିଛା କରି କୋଇଲା ଜବତ କରିବା ସହ ଜଣକୁ ଗିରଫ କରିଛି। ଏଭଳି ସଫଳତା ହାସଲ କରିଛି ଭଦ୍ରକ ଜିଲା ପୀରହାଟ ପୁଲିସ। ଶୁକ୍ରବାର ମଧ୍ୟାହ୍ନ ୩.୩୦ ସମୟରେ ଚୋରା କୋଇଲା ବୋଝେଇ କରି ଏକ ପିକ୍ ଅପ୍ ଭ୍ୟାନ୍ ବିନ୍ଧା ଗାଁରୁ ବାହାରକୁ ଯିବାକୁ ଉଦ୍ୟମ କରୁଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବର ପାଇ ପାଟ୍ରୋଲିଂ ଗାଡିରେ ପିଛା କରିଥିଲା। ବିନ୍ଧା ଛକରେ ପହଞ୍ଚିଲା ବେଳକୁ ଗାଡିଟି ଦ୍ରୁତ୍‌ଗତିରେ ତିହିଡି ଅଭିମୁଖେ ମାଡି ଚାଲିଥିଲା। ତେବେ ପୁଲିସ ପିଛା କରୁଥିବା ଜାଣିପାରି ଚାଳକ ଜଣକ ଅତି ଚତୁରତା ସହିତ ସନ୍ଥପୁରା ଛକରୁ ବାମ ପାର୍ଶ୍ୱ ଗାଁ ଭିତରକୁ ଗାଡି ପୁରେଇ ଦେଇଥିଲା। ଆଉ ଶେଷରେ ଗାଁ ଭିତରେ ଧରା ପଡ଼ିଗଲା। ଗାଡି ସହ ଚାଳକୁ ଥାନାକୁ ଆଣି ପଚରା ଉଚୁରା କରିବା ପାରେ ଗାଡିର ବୋଝେଇ କୋଇଲା ସମ୍ପର୍କରେ କୌଣସି ସୂଚନା ମିଳିନଥିଲା। ଶେଷରେ ଚୋରା କୋଇଲା ଚାଲାଣ ଅଭିଯୋଗରେ ଗାଡି ଜବତ୍ କରାଗଲା ଏବଂ ଗାଡିରେ ପ୍ରାୟ ୨୦ କ୍ୱିଣ୍ଟାଲ କୋଇଲା ଥିବା ପୁଲିସ ଜାଣିବାକୁ ପାଇଛି। ଏଥିସହ ଚାଳକ ତଥା ଗାଡର ମାଲିକକୁ ପୁଲିସ ଗିରଫ୍ କରିଛି। ଗିରଫ ବ୍ୟକ୍ତି ସନ୍ଥପୁରା ଗାଁର ଜୀବନଜ୍ୟୋତି ବଳ (୨୫) ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଅସୁରାଳି, ୬।୪(ସମିସ):** ଆଦର୍ଶ ଶିକ୍ଷକ ପ୍ରସନ୍ନ ନାୟକ ଆଉନାହାନ୍ତି। ତାଙ୍କ ମୃତ୍ୟୁକୁ ନେଇ ସାରା କାଶୀମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହଠାତ୍ ତାଙ୍କ ଦେହ ଅସୁସ୍ଥ ହେବାରୁ ପ୍ରଥମେ ତାଙ୍କୁ ଭଦ୍ରକ ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା।



ସେଠାରେ ୫ଦିନ କାଳ ଜୀବନ ସହିତ ସଂଗ୍ରାମ କରି ଗତକାଲି ରାତିରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ତାଙ୍କ ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ତାଙ୍କ ମରଶରୀର କଟକରୁ ଆସି ଭୋର ସମୟରେ ଗ୍ରାମରେ ପହଞ୍ଚିଥିଲା। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ଶେଷ ଦର୍ଶନ ନିମିତ୍ତ ତାଙ୍କ ବାସଭବନରେ ବହୁ ନେତା, ସମାଜସେବୀ ତଥା ଗ୍ରାମର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ସମାଗମ ଦେଖିବାକୁ ମିଳିଥିଲା। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରି ଗାଁ ମଶାଣିରେ ଶବ ଦାହ କରା ଯାଇଥିଲା। ମୁଖାଗ୍ନି ଦେଇଥିଲେ ତାଙ୍କ ପୁତ୍ର ପୃଥ୍ୱୀରାଜ ନାୟକ।

# ଆଦାନୀ ଡିଏଭି ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

**ଭଦ୍ରକ, ୬।୪(ସମିସ):** ଭଦ୍ରକ ଜିଲା କୁଆମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ୧୩ତମ ପ୍ରତିଷ୍ଠା ଦିବସ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଧାମରା ପୋର୍ଟ ସିଇଓ ଦେବେନ୍ଦ୍ର ଠକର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଞ୍ଚକୁଣ୍ଡୀୟ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ସାମୁଦ୍ରିକ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପେଟିଂ, କ୍ରାଫ୍ଟମେକିଂ, ଶ୍ଳୋକ, ଏକକ ସଙ୍ଗୀତ, ପ୍ରବନ୍ଧ ଲେଖା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମଧ୍ୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜୁନିଅର ରେଡକ୍ରସ ୱିଙ୍ଗ୍, ଆଦାନୀ ଡିଏଭି ପବ୍ଲିକ ସ୍କୁଲ ଏବଂ ଭଦ୍ରକ ବ୍ଲଡବ୍ୟାଙ୍କ୍‌ର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। 'ସ୍ପେସ୍ ଆଡେଡ୍ ସିଷ୍ଟମ' ମାଧ୍ୟମରେ ସାମୁଦ୍ରିକ କାର୍ଯ୍ୟକଳାପ ଏବଂ ସାମୁଦ୍ରିକ ସମ୍ପତିର ରକ୍ଷଣାବେକ୍ଷଣ ସମ୍ପର୍କୀତ ସେମିନାର ଅନୁଷ୍ଠିତ ହୋଇଥିଲା। ସତିଶ ଧୱନ ସ୍ପେସ୍ ରିସର୍ଚ୍ଚ ସେଣ୍ଟରର ଇପି ଏବଂ ଇଏମ୍‌ଡି ମୁଖ୍ୟ ଅମିତାଭ ମହାନ୍ତି, ମହାକାଶ ବିଜ୍ଞାନ ବିଷୟରେ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିଥିଲେ। ସେମିନାରରେ ଡିପିସିଏଲର୍ ପିଏଫଏସ୍‌ଓ, ହେଡ୍ ମେରାଇନ ସର୍ଭିସ କ୍ୟାପଟେନ୍ ଅଜିତ ନାରାୟଣ ମହାପାତ୍ର ଏବଂ ବରିଷ୍ଠ ପରିଚାଳକ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଶେଷରେ ଆଦାନୀ ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଛାତଛାତ୍ରୀଙ୍କୁ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବା ଏବଂ ଖ୍ୟାତି ଅର୍ଜନ ନିମନ୍ତେ ଉତ୍ସାହିତ କରିଥିଲେ।

# ଭଦ୍ରକ ବିଧାନସଭା କ୍ଷେତ୍ର ନିର୍ବାଚନୀ ପ୍ରସ୍ତୁତି ବୈଠକ



**ଭଦ୍ରକ, ୬।୪(ସମିସ):** ଆଜି ପୂର୍ବାହ୍ନ ୧୧ଟାରେ ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ମଣ୍ଡଳୀ ଅଧୀନ କଲେଇ ଗ୍ରାମପଞ୍ଚାୟତର ସମସ୍ତ ନେତୃତ୍ୱଙ୍କ ସହିତ ଚଳିତ ନିର୍ବାଚନ ପାଇଁ ସାଙ୍ଗଠନିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ବିଜେଡି ସମ୍ପାଦକ ତଥା ଭଦ୍ରକ ବିଧାନସଭା ବିଜେଡି ପ୍ରାର୍ଥୀଙ୍କ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ ଯୋଗ ଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ବୈଠକରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଭଦ୍ରକ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଇଂ.ପ୍ରିୟବ୍ରତ ନାୟକ, ସରପଞ୍ଚ ନିରଞ୍ଜନ ମଲ୍ଲିକ, ସମିତିସଭ୍ୟା ଅହଲ୍ୟା ମଲ୍ଲିକଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ଓ ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ।

# ଚରମ୍ପା କଲେଜ ପ୍ରାଧ୍ୟାପକଙ୍କ ବିୟୋଗ

**ଭଦ୍ରକ, ୬।୪(ସମିସ):** ଦୀର୍ଘ ୩୨ବର୍ଷ ଧରି ଚରମ୍ପା ମହାବିଦ୍ୟାଳୟ ଇତିହାସ ବିଭାଗରେ ଅଧ୍ୟାପନା କରୁଥିବା ପ୍ରାଧ୍ୟାପକ ଡ.ଅମର କୁମାର ଦାସଙ୍କର ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲ୍‌ରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୭ବର୍ଷ ବୟସ ହୋଇଥିଲା। ମୃତ୍ୟର ପୂର୍ବଦିନ ସେ କଲେଜରେ କାର୍ଯ୍ୟରତ ଥିବା ଅବସ୍ଥାରେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ସେହି ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ସରକାରୀ ଡାକ୍ତରଖାନାକୁ ନିଆଯାଇ ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ଶାରୀରିକ ଅବସ୍ଥା ଜଟିଳ ହେବାରୁ ତତ୍‌କ୍ଷଣାତ୍ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ହୃଦ୍‌ଘାତ ସହ ଫୁସ୍‌ଫୁସ୍‌ରେ ପାଣି ଜମିଥିବା ସମ୍ବନ୍ଧୀୟ ଶଲ୍ୟ ଚିକିତ୍ସା କରାଯିବା ସହ ଡାକ୍ତରମାନଙ୍କର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଯାଇ ପାରିନଥିଲା। ସେ ଐତିହାସିକ ଜଗନ୍ନାଥ ପଟ୍ଟନାୟକ ସ୍ମୃତି ସଂସଦର ସମ୍ପାଦକ, ଭାରତୀୟ ସ୍କାଉଟ୍ ଏବଂ ଗାଇଡ୍‌ର ନୋଡ଼ାଲ ଅଫିସର ତଥା ମହାବିଦ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ ହୋଇ ନିଜର ବଳିଷ୍ଠ କର୍ତ୍ତବ୍ୟ ନିଷ୍ଠତାକୁ ଖୁବ୍ ଭଲ ଭାବରେ ପ୍ରତିପାଦିତ କରିପାରିଥିଲେ। ଆଜି ସକାଳେ ତାଙ୍କର ମରଶରୀରକୁ ଚରମ୍ପା ମହାବିଦ୍ୟାଳୟ ପରିସରକୁ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ହେମନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅଣାଯାଇଥିଲା। ସେଠାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ସମସ୍ତ କର୍ମଚାରୀଙ୍କ ସମେତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୌରେଶ ଚନ୍ଦ୍ର ମହାନ୍ତି, ବ୍ରଜକିଶୋର ବଳ, ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ଡ.ଉତ୍ପଳା ନାୟକ, ବହୁସଂଖ୍ୟକ ବନ୍ଧୁ ଓ ଶୁଭେଚ୍ଛୁ ଉପସ୍ଥିତ ରହି ମରଶରୀରରେ ପୁଷ୍ପଗୁଚ୍ଛ ଓ ଅର୍ଘ୍ୟ ପ୍ରଦାନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ପରିବାର ଲୋକଙ୍କ ଗହଣରେ ଡ. ଦାସଙ୍କ ମରଶରୀରର ଅନ୍ତିମ ସଂସ୍କାର ଲାଗି ପୁରୀର ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପରେ ମହାବିଦ୍ୟାଳୟ ତରଫରୁ ଏକ ଶୋକସଭା ଆୟୋଜନ କରାଯାଇ ଡ.ଅମର ଦାସଙ୍କର ସ୍ମୃତିଚାରଣ କରାଯିବା ସହ ପରଲୋକଗତ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।



# ପରିବା ବ୍ୟବସାୟୀଙ୍କ ଟଙ୍କାମୁଣି ଲୁଟ୍ ଅଭିଯୋଗ

**ଭଣ୍ଡାରିପୋଖରୀ, ୬।୪(ସମିସ):** ଭଣ୍ଡାରିପୋଖରୀ ବଜାରର ଜନୈକ ପରିବା ବ୍ୟବସାୟୀଙ୍କ ଠାରୁ ଟଙ୍କାମୁଣି ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଫତେପୁର ଗ୍ରାମର ଗଣେଷ ସେଠୀ ଗତ ମଙ୍ଗଳବାର ଥାନା ସମ୍ମୁଖ ବଜାରକାଳୀ ପେଣ୍ଡାଲ ଜଳିଆ ତେଜରାତି ଦୋକାନ ସମ୍ମୁଖରେ ପରିବା ବିକ୍ରୟ କରିବାରେ ବ୍ୟସ୍ତ ଥିବା ବେଳେ କେହି ଦୁର୍ବୃତ୍ତ ଟଙ୍କାମୁଣିକୁ ଲୁଟ କରିନେଇଥିଲେ ବୋଲି ଗଣେଷ ଥାନା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୧୪୫/୨୪ନଂ ମାମଲା ଅଜଣା ବ୍ୟକ୍ତିଙ୍କ ନାମରେ ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

**AFFIDAVIT**

By virtue of an affidavit before Executive Magistrate, Bhubaneswar. I have changed my name from Rima Dhawan To Reema Diddee. Henceforth, I shall be known as **REEMA DIDDEE**, D/o- Late Madhusudan Lal Diddee resident of Flat No-401, 4th Floor, A-One Mansion, Plot No.129, K-3A Kalinga Nagar, Po-Ghatikia, Ps-Khandagiri, Bhubaneswar, Dist-Khorda, Odisha for all future purposes.

**AFFIDAVIT**

I, Iqubal Yusuf, S/o- MD Ather, resident of At- Mukundaprasad, Po- P.N College, Ps/ Dist- Khordha, Pin-752057, Odisha declare by this affidavit No. 616, date-06/04/2024, that now onwards I shall be known as **MOHAMMED IQBAL YOUSUF** for all future purposes.

**AFFIDAVIT**

I, Mahemed Abu Salam, S/o- Mohammed Ekram Rasul, resident of At/Po-Neulpur, Ps-Dharmasala, Dist-Jajpur, Pin-755024, Odisha declare by this affidavit No. 617, date-06/04/2024, that now onwards I shall be known as **MOHAMMED ABUSALAM** for all future purposes.

# ଅବହେଳିତ ଅବସ୍ଥାରେ ସରକାରୀ ବିଦ୍ୟାଳୟ



**ପୀରହାଟ, ୬।୪(ସମିସ):** ତିହିଡି ବ୍ଲକ ଅନ୍ତର୍ଗତ ବାମନବିନ୍ଧା ଗ୍ରାମ ପଞ୍ଚାୟତ ଅଧୀନସ୍ଥ କାନପୁର ସରକାରୀ ୟୁପି, ମଧ୍ୟ ଇଂରାଜୀ ବିଦ୍ୟାଳୟଟି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଯାଏଁ ଅଛି। ଏହି ବିଦ୍ୟାଳୟରେ ୧୦୫ରୁ ଅଧିକ ପିଲା ଅଧ୍ୟୟନ କରୁଛନ୍ତି। ଅନେକ ଦିନରୁ ପକ୍କା ଘର ନାହିଁ, ଆଜବେଷ୍ଟ ଘରେ ପାଠପଢ଼ା ଚାଲିଛି। ଏହି ଆଜବେଷ୍ଟ ଅନେକ ଜାଗାରେ ଫାଟି ଆଁ ହୋଇଗଲାଣି। ବର୍ଷା ହେଲାବେଳକୁ କ୍ଲାସ ରୁମରେ ପାଉଳେ ପାଉଲ ପାଣି। ପିଲାମାନେ ବସି ପାରୁନାହାନ୍ତି। ଛାତ ଘର ମାତ୍ର ଗୋଟିଏ ଅଛି। ପିଲାମାନେ ବସିବାପାଇଁ ଛାତ ଘର ନାହିଁ। କାନ୍ଥ ଫାଟି ଆଁ ହୋଇଛି। ସେହି ଫାଟରେ ବିଷଧର ସାପ ବସକରୁଛନ୍ତି। ଅଫିସ ରୁମର ଅବସ୍ଥା କହିଲେ ନସରେ। ସେହି ଫାଟିଥିବା ଆଜବେଷ୍ଟରୁ ପାଣି ଗଳି କାଗଜପତ୍ର ସବୁ ନଷ୍ଟ ହେଉଯାଉଛି। ଗତ ୪ବର୍ଷ ହୋଇଗଲା ବିଦ୍ୟାଳୟରେ ଥିବା ପାନୀୟ ଜଳ ଟ୍ୱିୱେଲଟିର ଲୁଣିଆ ପାଣି ବାହାରୁଛି। ଖରାପ ପାଣି ପାଇଁ ଟ୍ୱିୱେଲଟି ନଷ୍ଟ ହୋଇଗଲାଣି। ଏହି ବିଦ୍ୟାଳୟରେ ପିଲାମାନେ ମଧ୍ୟାହ୍ନ ଭୋଜନ ପରେ ପାଣି ମୁନ୍ଦେ ପିଇବା ପାଇଁ ତହଳ ବିକଳ ହେଉଛନ୍ତି। ଅଳିଆ ଆବର୍ଜନା ପୋଖରୀ ପାଣିରେ ଥାଳି ଧୋଇ ସେହି ଥାଳିରେ ମଧ୍ୟାହ୍ନ ଭୋଜନ କରି ରୋଗକୁ ନିମନ୍ତ୍ରଣ କରୁଛନ୍ତି। ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ବୋତଲ ନେଇ ସନ୍ଦକପୁର ଗ୍ରାମ ଭିତରୁ ପିଇବା ପାଇଁ ପାଣିଭରି ଆଣୁଛନ୍ତି। ବିଡିଓଙ୍କ ଅନୁମତି କ୍ରମେ ପିଇବା ପାଣି ଟ୍ୱିୱେଲଟିକୁ ମରାମତି କରାଯାଇଥିଲେ ହେଁ କିଛି ଲାଭ ମିଳିନଥିଲା। ଯେଉଁ ଲୁଣି ପାଣିକି ସେହି ଲୁଣି ପାଣି ବାହାରିଲା। ପ୍ରଶାସନ ଠାରେ ଅଭିଭାବକ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ସ୍କୁଲକୁ ଗୋଟିଏ ନୂତନ ଟ୍ୱିୱେଲ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ସ୍କୁଲକୁ ରୂପାନ୍ତିକରଣରେ ସାମିଲ ପାଇଁ ମଧ୍ୟ ଦାବି ରଖିଛନ୍ତି।

(ନିଲାମ ଇସ୍ତାହାର)

ମାନନୀୟ ଶ୍ରୀଯୁକ୍ତ ଦେୱାନୀ ଜର୍ଜ ତଥା ଫୌଜଦାରି ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ, ସୋହେଲା

ଏକଜ୍ୟୁକୁଶନ କେଶ ନଂ୦୫/୮/୨ ଅଫ ୨୦୧୭-୧୮

ଅଜନ୍ତା ଶୁଭଦର୍ଶିନୀ ...ଡିକ୍ରିଦାର

ବନାମ

ଦିଲ୍ଲିପ କୁମାର ସାହୁ ... ଦେନାଦାର

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି ଯେ, ଦେନାଦାର ଦିଲ୍ଲିପ କୁମାର ସାହୁ, ପି-ସ୍ୱର୍ଗତ ସୋମନାଥ ସାହୁ, ନି/ପୋ-ଇଛାପୁର, ଥା-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁରଙ୍କ ନିମ୍ନ ତଫସିଲ ବର୍ଣ୍ଣିତ ଜମି ଆସନ୍ତା ତା.୧୨.୦୪.୨୦୨୪ରିଖ ଇସବି ଦିନ ଘ ୧୧ ଙ୍କା ସମୟରେ ଉକ୍ତ ଅଦାଲତରେ ପ୍ରକାଶ୍ୟ ନିଲାମ କରାଯିବ ।

ତଫସିଲ

ମୌଜା-ଗଣ୍ଡିଆପାଲି, ଥା/ତ-ବିଜେପୁର, ଜିଲ୍ଲା-ବରଗଡ, ଚକ ଖାତା ନଂ-୧୨୫, ଚକ ନଂ-୩୯୭, ଚକ ପ୍ଲଟ ନଂ-୮୩୭, ରକବା ଏ୦.୪୦ଡି ।

ଦେୱାନୀ ଜଜ୍ ତଥା ଫୌଜଦାରୀ
ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ସୋହେଲା

## ଯାଜପୁର ଜିଲ୍ଲାରେ ଥମୁନି ବିଜେପି ଟିକଟ କଳି

# ଧର୍ମଶାଳା, କୋରେଇ ପରେ ଯାଜପୁରକୁ ଡେଇଁଲା

**ଯାଜପୁର, ୬ ।୪(ସମିସ)**

ଭାରତୀୟ ଜନତା ପାର୍ଟି ତା'ର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିବା ଦିନଠାରୁ ବିବାଦ ପିଛା ଛାଡୁନି। ପ୍ରଥମେ ଧର୍ମଶାଳା, ପରେ କୋରେଇ ଓ ଏବେ ଯାଜପୁର ନିର୍ବାଚନ ମଣ୍ଡଳୀରେ ଘୋଷଣା କରାଯାଇଥିବା ପ୍ରାର୍ଥୀଙ୍କୁ ବିରୋଧ କରିଛନ୍ତି ଆଶାୟୀ ପ୍ରାର୍ଥୀ। ଧର୍ମଶାଳାରେ ପ୍ରଥମେ ହିମାଂଶୁ

### ଗୌତମଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ମେଳି କଲେ ସଂଗ୍ରାମଙ୍କ ସମର୍ଥକ

ଶେଖର ସାହୁଙ୍କ ସମର୍ଥକ ସ୍ମୃତିରେଖା ପହୀଙ୍କ ଦଳୀୟ ଟିକେଟକୁ ବିରୋଧ କରି ଭୁବନେଶ୍ୱର ଦଳୀୟ କାର୍ଯ୍ୟାଳୟରେ ହଙ୍ଗାମା ସହିତ ଧାରଣା ପ୍ରଦର୍ଶନ କରିଥିଲେ। ଏହାପରେ କୋରେଇରେ ଅଭିନେତା ଆକାଶ ଦାସନାୟକଙ୍କୁ ଦଳୀୟ ଟିକେଟ ମିଳିବା



ପ୍ରତିବାଦରେ ଆଲେକଜାଣ୍ଡାର ଦାସଙ୍କ ସମର୍ଥକ ଅନୁରୂପ ଢଙ୍ଗରେ ଭୁବନେଶ୍ୱର ଦଳୀୟ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଭଳି ରାଜ୍ୟର ବିଭିନ୍ନ ସ୍ଥାନରୁ ଟିକେଟ ବଣ୍ଟନ ବିବାଦ ଆସିବା ଫଳରେ ଦଳ ପକ୍ଷରୁ ଏହାର ପୁନର୍ବିଚାର କରାଯିବ ବୋଲି ଆଶ୍ୱାସନା ଦିଆଯାଇଛି। ଏ ସମ୍ପର୍କରେ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବେ ବୋଲି କୁହାଯାଉଥିବାବେଳେ ଯାଜପୁର ନିର୍ବାଚନମଣ୍ଡଳୀରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି।

ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଅନ୍ୟତମ ଦାବିଦାର କୁହାଯାଉଥିବା ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ଶଙ୍ଖନାଳିଠାରେ ବିଜେପି କର୍ମୀ ଏକତ୍ରିତ ହୋଇ ଦଳୀୟ ନିଷ୍ପତ୍ତିର ପ୍ରତିବାଦ କରିଥିଲେ। ସଂଗ୍ରାମ ବର୍ଷ ତମାମ ଦଳୀୟ ସଂଗଠନକୁ ମଜବୁଦ କରୁଥିବାବେଳେ ତାଙ୍କୁ କାହିଁକି ଟିକେଟରୁ ବଞ୍ଚିତ କରାଗଲା ବୋଲି ଅସନ୍ତୁଷ୍ଟ କର୍ମୀ ପ୍ରଶ୍ନ କରିଥିଲେ। ତେଣୁ ଏ ସଂକ୍ରାନ୍ତରେ ଦଳ ପୁନର୍ବିଚାର କରିବାକୁ ସଂଗ୍ରାମଙ୍କ ସମର୍ଥକ ଦାବି କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଦଳ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରେ, ତା'ହେଲେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ।

## ରାଜ୍ୟ ବିଜେପିର ପ୍ରାର୍ଥୀ ପୁନର୍ବିଚାରକୁ ଅପେକ୍ଷା

# ଟିକଟରୁ ସ୍ମୃତି କଟିବେ ନା ହିମାଂଶୁ ପାଇବେ

**ଧର୍ମଶାଳା, ୬ ।୪(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ବିଜେପି ପକ୍ଷରୁ ସ୍ମୃତିରେଖା ପହିଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା ସରିଥିଲେ ମଧ୍ୟ ଏହି ଚୟନ ପରିବର୍ତ୍ତନ ନେଇ ଏବେ ଚାପରେ ରାଜ୍ୟ ନେତୃମଣ୍ଡଳୀ। ଚୟନକୁ ନେଇ ଅସନ୍ତୋଷ ଥିବା ଅନ୍ୟତମ ଆଶାୟୀ ହିମାଂଶୁ ଶେଖର ସାହୁ ଟିକଟ ଘୋଷଣା ଦିନଠାରୁ ଟିକଟ ଚୟନର ପୁନର୍ବିଚାର କରିବା ଦାବିରେ ଦୁଇଦିନ କାଳ ତାଙ୍କର ହଜାର ହଜାର ସମର୍ଥକ ଦଳୀୟ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ରାଜ୍ୟ ସଭାପତି ଶେଷରେ ଧାରଣାକାରୀଙ୍କ ଜିଦ୍ ଆଗରେ ଏହାର ପୁନର୍ବିଚାର ପାଇଁ କେନ୍ଦ୍ର ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ଶନିବାର ସୁଦ୍ଧା ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ହିମାଂଶୁଙ୍କ ସମର୍ଥକ ଧାରଣାରୁ ଓହରିଥିଲେ। ତେବେ ବିଜେପିରୁ ଟିକଟ ପାଇବା ଆଶା ହରାଇନାହାନ୍ତି ହିମାଂଶୁ। ପୂର୍ବବତ୍ ବିଜେପି ପାଇଁ ସମର୍ପିତ ଭାବେ ନିଜର ଦଳୀୟ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଆଜି ହାଜର ହଜାର କର୍ମୀଙ୍କୁ ନେଇ ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

### ଭୟରେ ଭୁବନେଶ୍ୱର ଗଲେ ସ୍ମୃତି

ସେପଟେ ସ୍ମୃତିରେଖା କାଳେ ନିଜର ଟିକଟ କଟିଯିବ, ଏହି ଭୟରେ ଆଜି ଭୁବନେଶ୍ୱରଠାରେ ପ୍ରତିଷ୍ଠା ଦିବସରେ ଯୋଗଦେବା ଆଳରେ ନିଜର ଶକ୍ତି ପ୍ରଦର୍ଶନ କରିଥିବା ଚର୍ଚ୍ଚା ହେଉଛି। ଏପରିକି ଶକ୍ତି ଦେଖାଇବା ପାଇଁ ପଡୋଶୀ ଜିଲ୍ଲାରୁ ଲୋକ ଆଣି ନିଜ ଶକ୍ତି ଦେଖାଇଥିବା ଶୁଣିବାକୁ ମିଳୁଛି। ଗୋଟିଏ ପଟେ ହିମାଂଶୁଙ୍କ ସଭାରେ ତିନି ହଜାର ସମର୍ଥକ ଉପସ୍ଥିତ ଥିବାବେଳେ ସ୍ମୃତି ଏକ ହଜାରରୁ କମ ସମର୍ଥକ ଯୋଗାଡ କରି ଭୁବନେଶ୍ୱର ଯାଇଥିବା ଚର୍ଚ୍ଚା ହେଉଛି। ଉଭୟ ସ୍ମୃତିରେଖା ଓ ହିମାଂଶୁଙ୍କ ମଧ୍ୟରେ ଚାଲିଥିବା ବଳ କଷାକଷିର ଫଳାପଫଳ କ'ଣ ହେଉଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

## କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ଶପଥ ଉତ୍ସବ



**ଯାଜପୁର, ୬।୪ (ସମିସ):** ଜିଲ୍ଲା କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ କୋର୍ଟ ପରିସରରେ ଏକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରିମିନାଲ କୋର୍ଟ ବାର ଆସୋସିଏସନ୍‌ର ନିର୍ବାଚନ ଅଧିକାରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସଭାପତିତ୍ୱରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି କିଶୋର ଚନ୍ଦ୍ର କର, ଉପସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଧିରେନ୍ଦ୍ର କୁମାର ଦାସ, ଯୁଗ୍ମସମ୍ପାଦକ ପାର୍ଥସାରଥି ମଲ୍ଲିକ, ସହସମ୍ପାଦକ ପବିତ୍ର କୁମାର କର, କୋଷାଧ୍ୟକ୍ଷ ଅଜୟ କୁମାର ଶତପଥୀ, ଅଭୟ କୁମାର ଦାସ, କାର୍ଯ୍ୟକାରୀ ସଭ୍ୟ ସୁବାସ ଚନ୍ଦ୍ର ସାମଲ, ନୀଳକଣ୍ଠ ବିଶ୍ୱାଳ, ପ୍ରଶାନ୍ତ କୁମାର ଦାସ, ବିଜୟ କୁମାର ପଣ୍ଡା, ସମ୍ପି ସାହୁ ପ୍ରମୁଖଙ୍କୁ ଶପଥପାଠ କରାଇଥିଲେ। ଏହି ଶପଥ ପାଠ ପରେ ନୂତନ ଭାବେ ନିଯୁକ୍ତି ହୋଇଥିବା ଉପରୋକ୍ତ ପଦାଧିକାରୀ ୧ ବର୍ଷ ପାଇଁ ସେମାନଙ୍କ କାର୍ଯ୍ୟ ପରିଚାଳନା କରିବେ। ଏହି ଉତ୍ସବରେ ଜିଲ୍ଲା କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ୍‌ର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ମଲ୍ଲିପୁରରେ ପାଲା ମହୋତ୍ସବ

**କର୍ୟାଁଗୋଲା, ୬ ।୪(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ କମାରଡିହ ମଲ୍ଲିପୁରଠାରେ ଶିଳ୍ପୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ବରିଷ୍ଠ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଯୋଗଦେଇ ଗ୍ରାମାଞ୍ଚଳରେ ଓଡ଼ିଶାର ଲୋକ କଳା ଓ ପାଲା ସଂସ୍କୃତିକୁ ବଞ୍ଚାଇବା ପାଇଁ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରତାପ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଲେଖିକା କଳ୍ପନା ମିଶ୍ର, ବରିଷ୍ଠ ସାମ୍ବାଦିକ ସଞ୍ଜୟ ଦାସ, ଦେବାଶିଷ ସାହୁ, ସମାଜସେବୀ ମଳୟ ପଣ୍ଡା ପ୍ରମୁଖ ଯୋଗଦେଇ ପାଲା ଓ ଲୋକକଳାକୁ ବଞ୍ଚାଇ ରଖିଥିବା ଏହି ଅନୁଷ୍ଠାନକୁ ଶୁଭ କାମନା ଜଣାଇଥିଲେ। ବରିଷ୍ଠ ପାଲା ଗାୟକ ଭାଗୀରଥି ପଣ୍ଡାଙ୍କ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ବୈକୁଣ୍ଠ ପରିଡ଼ାଙ୍କୁ ମାଟିର ମହକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ବିଭିନ୍ନ କଳାକାରଙ୍କ ଦ୍ୱାରା ପାଲା ଓ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।

## ହରିଣର ମୃତଦେହ ଉଦ୍ଧାର

**ସୁକିନ୍ଦା, ୬।୪(ସମିସ):** ସୁକିନ୍ଦା ଆଡ଼କୁ ଚାଲିଆସିଥିବା ଏକ ହରିଣ ବୁଲା କୁକୁର ଆକ୍ରମଣରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୁକିନ୍ଦା ବନ ବିଭାଗ ଅନ୍ତର୍ଗତ ବୋଉଳପାଳ ଗ୍ରାମ ନିକଟ ଜଙ୍ଗଲରୁ ଶନିବାର ଦିନ ଏକ ହରିଣ ବଉଳପାଳ ଗ୍ରାମକୁ ଚାଲିଆସିଥିଲା। ସମ୍ପୃକ୍ତ ହରିଣ ଗ୍ରାମ ନିକଟରେ ବୁଲୁଥିବା କୁକୁରଙ୍କ ହାବୁଡ଼ରେ ପଡ଼ିଥିଲା। କୁକୁରଗୁଡ଼ିକ ହରିଣକୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। କେତେକ ଗ୍ରାମବାସି ଘଟଣା ଦେଖି ଗୁରୁତର ଆହତ ହରିଣକୁ ଉଦ୍ଧାର କରି ପାଣି ପିଆଇଥିଲେ। କିଛି ସମୟ ପରେ ହରିଣ ନିସ୍ତେଜ୍ ହୋଇଯିବାରୁ ଗ୍ରାମବାସୀ ସୁକିନ୍ଦା ବନବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ହରିଣକୁ ସୁକିନ୍ଦା ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ହରିଣକୁ ପୋତିଦିଆ ଯାଇଥିବା ଜଣାପଡ଼ିଛି।

### 'ବୈତରଣୀ ଜ୍ୟୋତି'ର ଦ୍ୱିତୀୟ ବାର୍ଷିକ ଉତ୍ସବ

## 'ଆମ ସଂସ୍କୃତି ଓ ସାହିତ୍ୟ ଉପରେ ଅଧିକ ଗବେଷଣା ଆବଶ୍ୟକ'

**ଯାଜପୁର, ୬।୪(ସମିସ):** ଯାଜପୁର ଜିଲ୍ଲା ପ୍ରକଳ୍ପ ସମ୍ମିଳନୀ କକ୍ଷରେ ମହାବାରୁଣୀ ଉପଲକ୍ଷେ ବିରଜା ମଣ୍ଡଳ ବିଦ୍ୟୁତ ପରିଷଦ ପକ୍ଷରୁ ଆଧ୍ୟାତ୍ମିକ, ସାଂସ୍କୃତିକ, ଗବେଷଣା ଧର୍ମୀ ପତ୍ରିକା ବୈତରଣୀ ଜ୍ୟୋତିର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ସହିତ ଏସସିବି ମେଡ଼ିକାଲ କଲେଜର ସ୍ନାୟୁ ଶଲ୍ୟ ବିଭାଗ ପ୍ରଫେସର ଡାକ୍ତର ରବିନାରାୟଣ ପଣ୍ଡା ଓ ପଣ୍ଡିତ ଅଦ୍ୱୈତ ପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପଣ୍ଡିତ ଡଃ ପ୍ରଭଞ୍ଜନ ପତିଙ୍କ ସମ୍ପାଦନାରେ ବୈତରଣୀ ପୁସ୍ତକ ଲୋକାର୍ପଣ କରାଯାଇଥିଲା।

ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡକ୍ଟର ଦୁଷ୍ମନ୍ତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡଃ ବଟକୃଷ୍ଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡଃ ରବୀନ୍ଦ୍ର ବିହାରୀ, ଡଃ ରଶ୍ମୀରାଣି ଦାସ, ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଯୋଗଦେଇ ଯାଜପୁରର ଐତିହ୍ୟକୁ ପ୍ରତିଷ୍ଠିତ କରିବା ପାଇଁ ବୈତରଣୀ ଜ୍ୟୋତି ଏକ ମାଧ୍ୟମ ବୋଲି ଅଭିହିତ କରିବା ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ସହିତ ଆଚରଣ ସଂହିତାକୁ ସମସ୍ତେ ଜାଣିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଡକ୍ଟର ନିରଞ୍ଜନ ସାହୁ ଅତିଥି ପରିଚୟ, ସମ୍ପାଦକ ପଣ୍ଡିତ ଡକ୍ଟର ପ୍ରଭଞ୍ଜନ ପତି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତ୍ୟୁଷରେ ବିରଜା ମଣ୍ଡଳ ବିଦ୍ୟୁତ ପରିଷଦର ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ପବିତ୍ର ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ବୈତରଣୀ ପୂଜନ, ୧୦୮ ଆଳତୀ ଓ ବନ୍ଧାପନା କାର୍ଯ୍ୟ ସମାହିତ ହୋଇଥିଲା

## ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ପଦକ୍ଷେପ

# ସକାଳ ସାଢ଼େ ୬ରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଖୋଲିବ ବିଦ୍ୟାଳୟ

**ଯାଜପୁର, ୬ ।୪(ସମିସ):** ଯାଜପୁର ଜିଲ୍ଲାରେ ଗତ କିଛିଦିନ ଧରି ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଛି। ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି ଜିଲ୍ଲାପାଳ। ଜିଲ୍ଲାର ସମସ୍ତ ପ୍ରାଥମିକଠାରୁ ଦ୍ୱାଦଶ ଶ୍ରେଣୀ ସହ ଅଙ୍ଗନବାଡ଼ି କେନ୍ଦ୍ର ସକାଳ ସାଢ଼େ ୬ରୁ ପୂର୍ବାହ୍ନ ସାଢ଼େ ୧୦ଟା ଭିତରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୫ ନମ୍ବର୍ ବୁଲେଟିନରେ ଜାରି ହୋଇଥିବା ଯାଜପୁର ଜିଲ୍ଲାରେ ରୌଦ୍ରତାପ ବଢ଼ିବା ସମ୍ବାଦକୁ ଭିତ୍ତିକରି ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ଅର୍ଦ୍ଧ ସରକାରୀ, ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ଭିତରେ ବିଦ୍ୟାଳୟ ଚାଲିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ସମସ୍ତ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏହି ନିୟମକୁ ମାନି ବିଦ୍ୟାଳୟ ଚଳାଇବେ। ଏ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟକ୍ଷ ଅଧ୍ୟକ୍ଷା ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଏହି ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଆଜି ନିର୍ଦ୍ଦେଶ ଦେଇଛନ୍ତି।

## ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରତିଷ୍ଠା ଦିବସ

# ସୁଇମିଂ ପୁଲ୍ ଓ ସାଇନ୍ସ ଷ୍ଟୁଡିଓ ଉଦ୍‌ଘାଟିତ



**ଦାନଗଦି, ୬ ।୪(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ କୁସୁନପୁରସ୍ଥ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ଏପ୍ରିଲ ୬ ତାରିଖ ଶନିବାର ଦିନ ପ୍ରତିଷ୍ଠା ଦିବସ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡଃ ପ୍ରସନ୍ନ କୁମାର ସାହୁ, ଅଧ୍ୟକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେବା ସହ ନୃତ୍ୟ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ଏସ. ପୁଣ୍ୟତୋୟାଙ୍କ ନିର୍ଦ୍ଦେଶନାରେ ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

ସଙ୍ଗୀତ ଶିକ୍ଷକ ପ୍ରିୟରଞ୍ଜନ ବାନାର୍ଜୀଙ୍କ ନିର୍ଦ୍ଦେଶନାରେ ପିଲାଙ୍କ ଦ୍ୱାରା ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଓ ଅଧ୍ୟକ୍ଷ ପିଲାମାନଙ୍କୁ ନୂତନ ଦିଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ଉପଲକ୍ଷେ କୁନିକୁନି ପିଲାଙ୍କ ସମ୍ମୁଖରେ କେକ୍ କଟାଯାଇଥିଲା।

ବଲବିର ସିଂ ବେଦୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏହି ଦିବସରେ ବିଦ୍ୟାଳୟର ସୁଇମିଂ ପୁଲ ଉଦ୍‌ଘାଟନ ହେବା ସହ ପିଲାଙ୍କ ଦ୍ୱାରା ସୁଇମିଂ କରାଯାଇଥିଲା। ଏଥିସହ ଏକ ସାଇନ୍ସ ଷ୍ଟୁଡିଓର ଉଦ୍‌ଘାଟନ ହୋଇଥିଲା। ପିଲାମାନେ ଷ୍ଟୁଡିଓ ଭ୍ରମଣ କରି ଆନନ୍ଦ ମୁଖର ହୋଇଥିଲେ।

### ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଆହତ

**ଟମକା, ୬ ।୪(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ କଣ୍ଟା କଲୋନୀ ପାଖ ମା' ତାରିଣୀ ଶାଳ ପାଖରେ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଆହତ ହୋଇଥିବା ଜଣାପଡ଼ିଛି। ଆଜି ଅପରାହ୍ନରେ ଟମକା ପଟୁ ଏକ ବାଇକ କାଳିଆପାଣି ଆଡ଼କୁ ଯିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଜଣକ ଛିଟିକି ପଡ଼ିଥିଲେ। ତାଙ୍କ ଗୋଡର ପାଦ ପାଖରେ ଚକା ଚଢ଼ିଯିବାରୁ ସେ ଆହତ ହୋଇଛନ୍ତି। ଅନ୍ୟଜଣେ ବାଇକ୍ ଆରୋହୀ ଟ୍ରକ୍‌ରେ ପିଟି ହେବାରୁ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଛି। ଟମକା ପୁଲିସ୍ ପହଞ୍ଚି ଟ୍ରକକୁ ଜବତ କରିଛି। ଆହତ ଦୁଇଜଣଙ୍କୁ ସ୍ଥାନୀୟ ଯୁବକଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଦାନଗଦି ଡାକ୍ତରଖାନାକୁ ପଠାଇଥିଲା ପୁଲିସ।

## ନିର୍ମାଣାଧୀନ ଡ୍ରେନ୍‌ରେ ଗଳିପଡ଼ିଲା ଷଣ୍ଢ

**ଦଶରଥପୁର, ୬।୪ (ସମିସ):** ଯାଜପୁର ଟାଉନ-ସିଂହପୁର ରାଜ୍ୟ ସଡ଼କ ପଥ ଅନ୍ତର୍ଗତ ଯାଉଁଳିବନ୍ଧଠାରୁ ବିଜିପୁର



ଛକକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ପ୍ରଶସ୍ତିକରଣ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କାମ ଜାରି ରହିଛି। ମାତ୍ର ରାସ୍ତା କାମ କରୁଥିବା ଠିକା ସଂସ୍ଥାର ଦାୟିତ୍ୱହୀନତା ଯୋଗୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାବେଳେ ଶନିବାର ସନ୍ଧ୍ୟାରେ ନିର୍ମାଣଧୀନ ଉକ୍ତ ଡ୍ରେନରେ ପଡ଼ି ଗୋଟିଏ ଷଣ୍ଢ ଗୁରୁତର ଭାବେ ଆହତ ହୋଇଥିବା ଜଣାଯାଇଛି। ନିର୍ମାଣ ହୋଇଥିବା ଡ୍ରେନ ଉପରେ ଠିକା ସଂସ୍ଥା ପକ୍ଷରୁ ସଠିକ ଢଙ୍ଗରେ ସୁରକ୍ଷା ବ୍ୟବସ୍ଥା କରା ନ ଯାଇ ଡ୍ରେନକୁ ଅର୍ଦ୍ଧ ମୁକୁଳା ଛାଡ଼ି ଦିଆଯାଇଥିବାରୁ ଉକ୍ତ ଅଞ୍ଚଳରେ ଚଳ ପ୍ରଚଳ କରୁଥିବା ଗୋଟିଏ ଷଣ୍ଢ ସେହି ଡ୍ରେନରେ ପଡ଼ି ଚିତ୍କାର କରିଥିଲା। ସ୍ଥାନୀୟ ଲୋକେ ଷଣ୍ଢକୁ ଉଦ୍ଧାର କରିବାକୁ ବହୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ଯାଜପୁର ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଦୀର୍ଘ ୨ ଘଣ୍ଟାର ଉଦ୍ୟମ ପରେ ଷଣ୍ଢକୁ ଉଦ୍ଧାର କରିଥିଲେ। ଷଣ୍ଢଟି ଗୁରୁତର ଭାବେ ଆହତ ହୋଇଥିବା ଜଣାଯାଇଛି।

## ଚିତାଳୋ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଦଶରଥପୁର, ୬।୪ (ସମିସ):** ଦଶରଥପୁର ଶିକ୍ଷା ମଣ୍ଡଳ ଅର୍ନ୍ତଗତ ଚିତାଳୋ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରବେଶ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନୂଆ କରି ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରାର୍ଥନା କରିଥିଲେ। ଏ ପରିପ୍ରେକ୍ଷୀରେ ପ୍ରତ୍ୟେକ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ସଚେତନ ହୋଇ ପିଲାଙ୍କୁ ପାଠ ପଢ଼ାଇବା ଦିଗରେ ସବୁ ପ୍ରକାର ଉଦ୍ୟମ କରିବାକୁ ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟ




ପକ୍ଷରୁ ଉତ୍ସବ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ନୂତନ ଛାତ୍ରଛାତ୍ରୀଙ୍କୁ ଚନ୍ଦନ, ଫୁଲ, ସିନ୍ଦୁର ଲଗାଇ ଉତ୍ସାହିତ କରାଯିବା ପରେ ବିଦ୍ୟାଳୟ ପ୍ରବେଶ ଦ୍ୱାରରେ ଛାତ୍ରଛାତ୍ରୀ କଳସ ସ୍ଥାପନ କରି ପ୍ରଭୁ ଶ୍ରୀଗଣେଶ ଓ ମାଆ ସରସ୍ୱତୀଙ୍କୁ ଏସ୍‌ଏମ୍‌ସି କମିଟି ସଭାପତି ବିଜୟ କୁମାର ରାଉତରାୟ, ପ୍ରଧାନ ଶିକ୍ଷକ ମନୋଜ ସାହୁ, ସହକାରୀ ଶିକ୍ଷକ ରଘୁନାଥ ପ୍ରସାଦ ଧଳ, ଅଶୋକ କୁମାର ରାଉତରାୟ, ସନ୍ତୋଷ କୁମାର ସାହୁ, ସୁରଭି ମହାନ୍ତି, ରୂପଶ୍ରୀ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଖଣ୍ଡରା ଓ ବିରଜାପୁରରେ ବିଜେଡିର କର୍ମୀ ସମ୍ମିଳନୀ

# ୨୫ ବର୍ଷ ବିକାଶର ଉଦାହରଣ ଦେଇ ଭୋଟ ଭିକ୍ଷା କଲେ ସୁଜାତା

**ଦଶରଥପୁର, ୬।୪ (ସମିସ)**

ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଯାଜପୁର ଆସନ ପାଇଁ ବିଜେଡି ସୁପ୍ରିମୋ ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ସୁଜାତା ସାହୁଙ୍କୁ ପ୍ରାର୍ଥୀ କରିଛନ୍ତି। ଏ ଅବସରରେ ସେ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନସମ୍ପର୍କ ଅଭିଯାନକୁ ଜୋରଦାର କରିଛନ୍ତି। ଏ ପରିପ୍ରେକ୍ଷୀରେ ଶନିବାର ଶ୍ରୀମତୀ ସାହୁ ବ୍ଲକ ଅଧୀନ ଖଣ୍ଡରା ଓ ବିରଜାପୁର ପଞ୍ଚାୟତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ।



ପ୍ରଥମେ ପୂର୍ବାହ୍ନ ୧୦ଟାରେ ଖଣ୍ଡରା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ ସଭାପତିତ୍ୱ କରିଥିଲେ। ଏହି ସମ୍ମିଳନୀରେ ପ୍ରମୁଖ ଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଉପସ୍ଥିତ ରହି ପଞ୍ଚାୟତର ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ଥିବାବେଳେ ଯାଜପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଚୟନ କରିଥିବା ପ୍ରାର୍ଥିନୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ଦିଗରେ ପ୍ରୟାସ ଆରମ୍ଭ କରିବାକୁ ଆହ୍ୱାନ ଜଣାଇଥିଲେ। ବିଶେଷ ଅତିଥି ଭାବେ ପ୍ରାର୍ଥିନୀ ଶ୍ରୀମତୀ ସାହୁ କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତାଙ୍କୁ ସର୍ବପ୍ରଥମେ କୃତଜ୍ଞତା ଜ୍ଞାପନ କରିବା ସହିତ ବିଜୁ ଜନତା ଦଳ ତଥା ନବୀନ ସରକାରର ୨୫ ବର୍ଷର ବିକାଶଧାରାକୁ ଭୋଟରଙ୍କ ସମ୍ମୁଖରେ ରଖିବାକୁ ଉପସ୍ଥିତ କର୍ମୀଙ୍କୁ ନିବେଦନ କରିଥିଲେ। ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ସରପଞ୍ଚ କୁଞ୍ଜବିହାରୀ ଦାସ, ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ସଭ୍ୟା ମାମିନା ମଲ୍ଲିକ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ସମାଜସେବୀ ଦେବ ଦିବାକର ବିହାରା, ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ନିଜ ବକ୍ତବ୍ୟରେ ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ହାତ ମୁଠାକୁ ଟାଣ କରିବାକୁ ପ୍ରାର୍ଥିନୀ ସୁଜାତା ସାହୁଙ୍କ ପାଇଁ ଅଧିକ ମାତ୍ରାରେ ଭୋଟ ସଂଗ୍ରହ କରିବା ଦିଗରେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ରଙ୍ଗପୁର ଛକରେ ଅନୁଷ୍ଠିତ ବିରଜାପୁର ପଞ୍ଚାୟତ କର୍ମୀ ସମ୍ମିଳନୀରେ ବରିଷ୍ଠ ନେତା କର୍ଣ୍ଣାଟକେଶରୀ ଦାସ, ପ୍ରାର୍ଥିନୀ ସୁଜାତା ସାହୁ, ବିଜେଡି ସଭାପତି ସରୋଜ ମହାପାତ୍ର, ସରପଞ୍ଚ ନିରାକାର ସାହୁ, ସମିତିସଭ୍ୟ ସନ୍ତୋଷ ରାୟ, ପାର୍ଥସାରଥୀ ମହାପାତ୍ର, ମାମିନା ମଲ୍ଲିକ ପ୍ରମୁଖ ଉପସ୍ଥିତ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ଓ ଯାଜପୁର ବିଧାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଭୋଟରଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଜଣାଇଥିଲେ।

● ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ବିଫଳ

## ଗ୍ରୀଷ୍ମପ୍ରବାହ ଯୋଗୁଁ ପାଣି ପାଇଁ ହାହାକାର

**ବାରିକପୁର, ୬।୪(ସମିସ):** ବର୍ତ୍ତମାନ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିଲେ ସୁଦ୍ଧା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ ହୋଇଥିବା ଜଣାପଡ଼ିଛି। ବ୍ଲକ ଅଞ୍ଚଳର ୨୩ ଗୋଟି ପଞ୍ଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାନ ନିର୍ମାଣ ହୋଇଛି। ଗଭୀର ନଳକୂପ ସହିତ ପାଚେରୀ ଓ ପାଣି ପମ୍ପ ହାଉସ ନିର୍ମାଣ ହୋଇଥିଲେ ମଧ୍ୟ ସେଥିରେ ସରୀସୃପ ଓ ଭୂତ ବସା ବାନ୍ଧିଛି। ଏମିତିକି ଉଚ୍ଚ କ୍ଷମତାସମ୍ପନ୍ନ ପାଣି ଟାଙ୍କି କୌଣସି କାମରେ ଆସୁ ନାହିଁ। ପ୍ରକଳ୍ପ ନିର୍ମାଣ ପାଇଁ ୮୦କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଧା ଏହା ଦ୍ୱାରା ଜନସାଧାରଣ ଉପକୃତ ହୋଇନାହାନ୍ତି।



କେବଳ ଜଳ ବିଶୋଧନ ଗୃହ, ବିଭିନ୍ନ ଅଞ୍ଚଳକୁ ପାଇପ ସଂଯୋଗ ସହିତ ୩ଟି ସ୍ଥାନରେ ନିର୍ମିତ କ୍ଷେତ୍ରୀୟ ପାଣି ଟାଙ୍କିରେ ସୀମିତ ରହି ଯାଇଛି ଏହି ବୃହତ ଜଳ ଯୋଗାଣ ପ୍ରକଳ୍ପ। ନିର୍ମାଣାଧୀନ ପ୍ରକଳ୍ପ ଗୁଡିକରୁ କେତେବେଳେ କେମିତି ପାଣି ଆସୁଥିଲେ ସୁଦ୍ଧା ତାହା ଭଗ୍ନ ପାଇପ୍‌ରୁ ସିଧା ମାଟିକୁ ଚାଲି ଯାଉଛି। ଯନ୍ତ୍ରୀ ମାନେ କ୍ଷେତ୍ରକୁ ଆସି ସରକାରୀ ସ୍ତରରେ ଫଟୋଟିଏ ଛାଡି ଦେଇ ନିଜ ଦାୟିତ୍ୱ ସାରି ଦେଉଛନ୍ତି। ଭଦ୍ରକ ପାନୀୟ ଜଳଯୋଗାଣ ବିଭାଗ ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ନିକଟରେ ବର୍ଷକୁ ବର୍ଷ ସତ୍ୟପାଠ କରୁଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ଚିତ୍ର କିନ୍ତୁ ଭିନ୍ନ ଦେଖାଯାଉଛି। ଜଳ ଯୋଗାଣ ପାଇଁ ପଞ୍ଚାୟତ ଗୁଡିକରୁ ଲକ୍ଷ ଲକ୍ଷ ଟଙ୍କା ବିଦ୍ୟୁତ ଦେୟ ପ୍ରଦାନ କରାଯାଉଥିବା ବେଳେ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାଛଡା ରକ୍ଷଣାବେକ୍ଷଣ ବାବଦରେ ମାସକୁ ମାସ କେତେ ଯେ ଟଙ୍କା ଖର୍ଚ୍ଚ ହେଉଛି ତାର ହିସାବ ମଧ୍ୟ ନାହିଁ। ବର୍ଷକ ବାରମାସ ତ ଦୂରର କଥା ପ୍ରଚଣ୍ଡ ରୁଦ୍ରତାପ ସମୟ ଏପ୍ରିଲ ଓ ମେ ଦୁଇମାସ ପାନୀୟ ଜଳ ପାଇବା ବ୍ଲକବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି। ଖରା ଦିନେ ଥଣ୍ଡା ପାଣି ପାଇଁ ସବୁଆଡେ ହା ହା କାର ପଡୁଥିବା ବେଳେ ବାଡ଼ି ଦାଣ୍ଡରେ ଥିବା କ୍ଷୁଦ୍ର ନଳକୂପ ହିଁ ଲୋକଙ୍କ ପାଇଁ ଭରସା ପାଲଟିଛି।

ମାନବାଧିକାର ଆୟୁକ୍ତଙ୍କଠାରେ ଅଭିଯୋଗ

# ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ

**ବନ୍ତ/ଆଗରପଡ଼ା, ୬।୪(ସମିସ)**

ଜନୈକ ଜନଜାତି ସଂପ୍ରଦାୟର ବ୍ୟକ୍ତି ଆବାସ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ସେ ଏଥିରୁ ବଞ୍ଚିତ ହୋଇଆସୁଛନ୍ତି। ତେଣୁ ଉକ୍ତ ଅଧିକାରୀ କେଉଁ ପରିସ୍ଥିତିରେ ଓ କାହିଁକି ସଂପୃକ୍ତ ବ୍ୟକ୍ତିଙ୍କୁ ଆବାସରୁ ବଞ୍ଚିତ କଲେ ତାର ଏକ ନିରପେକ୍ଷ ତଦନ୍ତ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନୈକ ସୂଚନା ଅଧିକାର କର୍ମୀ ରାଜ୍ୟ ମାନବାଧିକାର ଆୟୁକ୍ତଙ୍କ ଠାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପିନାଥପୁର ପଚାୟତ ଅନ୍ତର୍ଗତ ତାଜିପୁର ଗ୍ରାମ ଆଦିବାସୀ ସାହିରେ ବଣୁଆ ମୁଣ୍ଡାଙ୍କ ଘର। ବଣୁଆ ଜଣେ ଜନଜାତି ସଂପ୍ରଦାୟର ବ୍ୟକ୍ତି ହେବା ସହ ଅତ୍ୟନ୍ତ ଗରୀବ ଶ୍ରେଣୀୟ ବ୍ୟକ୍ତି ଅଟନ୍ତି।



୩ ପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ସେ ଦିନମଜୁରିଆ ହିସାବରେ କାର୍ଯ୍ୟକରି ସେଥିରେ ତାଙ୍କ ପରିବାର ଚଳାଇଥାନ୍ତି। ପ୍ରତିଦିନ ଦୁଇ ମୁଠା ପେଟ ପୂରା ଦାନା ମିଳିବା ତାଙ୍କ ପରିବାର ପକ୍ଷେ ସମ୍ଭବପର ହୋଇପାରେନାହିଁ। ନୂଆଣିଆ ଚାଳଘରକୁ ପ୍ରତିବର୍ଷ ଛାଉଣି କରିପାରୁ ନଥିବାରୁ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ରକିରଣ ଘର ଭିତରକୁ ପଡ଼ିଥାଏ। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପଲିଥିନ ଖଣ୍ଡମାନ ଛପର ସାରା ଭର୍ତ୍ତି। ରାସନ କାର୍ଡ ମାଧ୍ୟମରେ କେବଳ ସରକାରୀ ସହାୟତା ତାଙ୍କ ପାଇଁ ସୀମିତ। ସେ ଆବାସଟିଏ ପାଇବା ପାଇଁ ବ୍ଲକକୁ ଦୌଡ଼ିଦୌଡ଼ି ନୟାନ୍ତ ହେବା ସତ୍ତ୍ୱେ ଏହା ତାଙ୍କ ଭାଗ୍ୟରେ ଆଜିଯାଏ ଜୁଟି ପାରିନାହିଁ।

ସୂଚନା ଅନୁଯାୟୀ, ୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରକାଶିତ ହିତାଧିକାରୀ ତାଲିକାରେ ବଣୁଆଙ୍କ କ୍ରମିକ ସଂଖ୍ୟା ୪୭ ଏବଂ ଅଗ୍ରାଧିକାର ଭିତ୍ତିରେ ମିଳିଥିବା କ୍ରମିକ ସଂଖ୍ୟା ୯ଥିବାବେଳେ ତାଙ୍କ ଆଇଡି ନଂ.୨୫୩୩୧୮୭ ଥିଲା। ସେ ସବୁ ଦୃଷ୍ଟିକୋଣରୁ ଆବାସ ପାଇବାକୁ ଯୋଗ୍ୟ ଥିବା ବେଳେ ପରବର୍ତ୍ତି ମୁହୂର୍ତ୍ତରେ ତାଙ୍କୁ ଭୂମିହିନ ଦର୍ଶାଇ ଏଥିରୁ ବଞ୍ଚିତ କରାଯାଇଥିଲା। କିନ୍ତୁ ପ୍ରକୃତପକ୍ଷେ ବଣୁଆ ଜଣେ ପଟ୍ଟାଧାରୀ ହିତାଧିକାରୀ, ସରକାରଙ୍କ ତରଫରୁ ମିଳିଥିବା ପଟ୍ଟା ଅନୁଯାୟୀ ବଣୁଆଙ୍କ ଖତିୟାନ ନଂ୨୭୩/୬୮ ଥିବା ଜଣାପଡ଼ିଥିଲା। ଏହି ଖବର ଗତ୨୦୨୧ ଜୁଲାଇ ମାସରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ବଣୁଆ ମୁଣ୍ଡା ପ୍ରକୃତରେ ଗୃହ ପାଇବାକୁ ଯୋଗ୍ୟ ଏବଂ ଭୁଲବଶତଃ ତାଙ୍କ ନାମ ପିଡବ୍ଲ୍ୟୁଏଲ୍ କିମ୍ବା ହିତାଧିକାରୀ ତାଲିକାରୁ କଟିଯାଇଥିଲା। ତାଙ୍କୁ ଖୁବଶୀଘ୍ର ଘର ମିଳିବାର ସବୁ ବନ୍ଦୋବସ୍ତ କରାଯାଇଥିବାର ସୂଚନା ଜିଲ୍ଲାପାଳଙ୍କ ଟ୍ୱିଟର ପେଜରୁ ଜଣାପଡ଼ିଥିଲା। ଘଟଣାକୁ ଇତି ମଧ୍ୟରେ ୩ବର୍ଷ ବିତିଯାଇଥିଲେ ସୁଦ୍ଧା ବଣୁଆଙ୍କୁ ଆବାସ ମିଳିବାର ପ୍ରକ୍ରିୟା କେବଳ କାଗଜ କଲମରେ ସୀମିତ ରହିଯାଇଥିବା ଜଣାପଡ଼ିଛି। ଉକ୍ତ ସମୟରେ ବନ୍ତ ବ୍ଲକରେ କାର୍ଯ୍ୟରତ ପୂର୍ବତନ ବିପିସି ଓ ଗୋପିନାଥପୁର ପଞ୍ଚାୟତ ପୂର୍ବତନ ପିଓଙ୍କ ଅବହେଳାରୁ ବଣୁଆ ଆଜି ପର୍ଯ୍ୟନ୍ତ ଆବାସ ପାଇବାରୁ ବଞ୍ଚିତ ହେଉଛନ୍ତି। ଭଦ୍ରକ ଜିଲ୍ଲା ଜଗନ୍ନାଥପୁର ଅଚାଳର ସାମାଜିକ କର୍ମୀ ବିକାଶ ଧଳଙ୍କ ଅଭିଯୋଗକୁ ଗ୍ରହଣ କରି ରାଜ୍ୟ ମାନବାଧିକାର ଆୟୁକ୍ତ କେଶ ନଂ୯୮୫/୨୪ରେ ଉକ୍ତ ଘଟଣାକୁ ତଦନ୍ତ ପରିସରଭୁକ୍ତ କରିଥିବା ଜଣାପଡ଼ିଛି।

## ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ କାର୍ଯ୍ୟ

**ବନ୍ତ/ଆଗରପଡ଼ା, ୬।୪(ସମିସ):** ଗତ ମାର୍ଚ୍ଚ ୧୨ ତାରିଖ 'ଅବଧି ପରେ ବି ସରିଲାନି ରାସ୍ତା ନିର୍ମାଣ; ଗମନାଗମନରେ ବାଧା ସୃଷ୍ଟି କରୁଛି ଅଧପନ୍ତରିଆ ରାସ୍ତା' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।



'ସକାଳ' ପ୍ରଭାବ

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବରପଦା-କାଣ୍ଡବା ପିଡବ୍ଲୁଡ଼ି ରାସ୍ତା ଠାରୁ ପିଡବ୍ଲୁଡ଼ି ରାସ୍ତା ପାନବଦୀ ଛକ ପର୍ଯ୍ୟନ୍ତ ଲମ୍ବିଥିବା ୬.୧୦୦କିମି ରାସ୍ତାର ନିର୍ମାଣ ଅବଧି ସରିବାର ବର୍ଷାଧିକ କାଳ ପରେ ମଧ୍ୟ ରାସ୍ତା ନିର୍ମାଣ ସରୁନଥିବାରୁ ଗମନାଗମନରେ ଘୋର ବାଧା ସୃଷ୍ଟି ହେଉଥିଲା। କାର୍ଯ୍ୟାଦେଶର ଅବଧି ସରିବାର ୪ମାସ ପରେ ଉକ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣର କାର୍ଯ୍ୟାରମ୍ଭ ହୋଇଥିଲା ଏବଂ ପାରାବନ୍ଧ ପର୍ଯ୍ୟନ୍ତ ରାସ୍ତାକୁ ତାଡ଼ି ମେଣ୍ଟାଲ ପକାଇ ତା' ଉପରେ ଚିପ୍ସଗୁଣ୍ଡ/ଡ଼ଷ୍ଟ ବିଛାଇ କାର୍ଯ୍ୟ ବନ୍ଦ ରଖିଥିଲେ ସଂପୃକ୍ତ ଠିକାଦାର। ପୁନଃଶ୍ଚ ଗତ ନଭେମ୍ବର ମାସରେ ଅଧପନ୍ତରିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ପାରାବନ୍ଧ ଠାରୁ ସରମରା ପର୍ଯ୍ୟନ୍ତ ରାସ୍ତାକୁ ତାଡ଼ି ମେଣ୍ଟାଲ ପକାଇ ତା ଉପରେ ଚିପ୍ସଗୁଣ୍ଡ/ଡ଼ଷ୍ଟ ବିଛାଇବା କାର୍ଯ୍ୟ ସରିବାକୁ ୬ମାସ ବିତିବାକୁ ବସିଥିବା ବେଳେ ରାସ୍ତା ଉପରେ ପିଚୁ ପକାଇବା ବିଳମ୍ବ ହେଉଥିବାରୁ ବିଛାଯାଇଥିବା ମେଣ୍ଟାଲ ଗୁଡ଼ିକ ଉପରକୁ ଉଠି ଗମନାଗମନରେ ବିପଦ ସୃଷ୍ଟି କରିବା ସହ ବିଛାଯାଇଥିବା ଡଷ୍ଟ ଉପରେ ସରକାରୀ ନିୟମ ଅନୁସାରେ ପାଣି ସିଞ୍ଚନ କରାଯାଉନଥିବାରୁ ଏହା ଉଡିବା ସହ ଏହାର ଧୂଳିଧୂଆଁରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଥିବା ପରିଲକ୍ଷିତ ହୋଇଥିଲା। ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୧ ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୨୦୨୨ ଅକ୍ଟୋବର ୩୧ ତାରିଖରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ରାସ୍ତା ସରମରା, ଗୋହିରା, ଟିଲୋ, ଦେବତାଗଡ଼ିଆ, ତୋଟାସାହି, ମଙ୍ଗୁଲି, ଓଡ଼ଙ୍ଗ, ବୋଡ଼କପାଟଣା, ବୋଡ଼କମହାଜୀବୀ ଆଦି ବିଭିନ୍ନ ସ୍ଥାନକୁ ସଂଯୋଗ କରିଥିବାରୁ ଏହା ଉପରେ ନିର୍ଭର କରୁଥିବା ଉପରୋକ୍ତ ଗ୍ରାମର ବାସିନ୍ଦା ରାସ୍ତା ନିର୍ମାଣ ସରୁନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ସଂପୃକ୍ତ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏହିପରି ସମସ୍ୟା ଉପୁଜୁଥିବା ଜଣାପଡ଼ିଥିଲା। ତେଣୁ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଏହାର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଆସୁଥିଲେ।

## ନରସିଂହପୁର ହାଇସ୍କୁଲରେ ନାମ ଲେଖା ନାଁରେ ଅର୍ଥ ଆଦାୟ

**ବାସୁଦେବପୁର,୬।୪(ସମିସ):** ବାସୁଦେବପୁର ବ୍ଲକର ନରସିଂହପୁର ପଞ୍ଚାୟତ ହାଇସ୍କୁଲରେ ଉଚ୍ଚ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଠାରୁ ଅର୍ଥ ଆଦାୟ କରିବା ଓ କୌଣସି ରସିଦ ନଦେବା ଘଟଣାକୁ ନେଇ ଅଭିଯୋଗ ହୋଇଛି। ଆଜି ମଧ୍ୟାହ୍ନରେ ସ୍ଥାନୀୟ ଅଞ୍ଚଳର ଅଭିଭାବକ ଜୟରାମ ବେହେରା, ସଂଯୁକ୍ତା ମହାରଣା, ହେମନ୍ତ ଧର ଓ କେତେକ ଅଭିଭାବକଙ୍କ ପିଲାଙ୍କ ନାମ ନବମ ଶ୍ରେଣୀରେ ନାମ ଲେଖାଇଥିଲେ। ସେ ସମୟରେ ଉକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷ ନାମ ଲେଖା ବାବଦକୁ ୫୫୦ ଟଙ୍କା ଦାବି କରିଥିଲେ। ଅଭିଭାବକମାନେ ମାଗଣା ଆଡ୍‌ମିଶନ ଘଟଣା କଥା କହିବା ପରେ କେତେକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସେ ଯୁଗଗଲାଣି ବୋଲି ପରୋକ୍ଷରେ କହିଥିଲେ। ହେଲେ ଅଭିଭାବକମାନେ ପୈଠ କରିଥିବା ଅର୍ଥର ରସିଦ ମାଗିବାରୁ କାଲି ଆସ ବୋଲି ଚାଲିଯିବାକୁ କହିଥିଲେ ବୋଲି ଧାରଣାରତ ଅଭିଭାବକମାନେ ଅଭିଯୋଗ ଉଠାଇଛନ୍ତି। ହେଲେ ରସିଦ ପାଇଁ ଦୌଡି ଦୌଡି ନୟାନ୍ତ ହେବା ପରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରି ବିଫଳ ବି ହୋଇଛନ୍ତି ଅଭିଭାବକ। ଆଜି ବିଦ୍ୟାଳୟ ଖୋଲିବା ପରେ ଶୋଷଣର ଶିକାର ହୋଇଥିବା କେତେକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ରସିଦ ମାଗି ବିଫଳ ହେବା ପରେ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଧରି ଧାରଣାରେ ବସି ରହିଥିଲେ ବି କୌଣସି ଶିକ୍ଷକ ଅବା ପ୍ରଧାନ ଶିକ୍ଷକ ଘଟଣାସ୍ଥଳକୁ ଆସିବାକୁ ଅମଙ୍ଗ ହୋଇଥିବା ସୂଚନା ରହିଛି। ପ୍ରଧାନ ଶିକ୍ଷକ କମଳାକାନ୍ତ ନାୟକ କହିଛନ୍ତି ଯେ, ବିଦ୍ୟାଳୟରେ କିଛି ଆବଶ୍ୟକତା ରହିଥିବା କାରଣରୁ ଅର୍ଥ ନିଆ ଯାଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ହେଲେ ବହୁ ବିଳମ୍ବରେ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଜିଲ୍ଲା ବିଭାଗରୁ ସୂଚନା ପାଇ ବିଦ୍ୟାଳୟରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରି ଅର୍ଥ ଫେରାଇ ଦେବାର ପ୍ରତିଶ୍ରୁତି ଦେବା ପରେ ଘଟଣା ଶାନ୍ତ ପଡ଼ିଥିଲା। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅର୍ଥ ଆଦାୟ କରିବାରେ କାହିଁକି ସମ୍ପୃକ୍ତି ରହିଲେ ତାହାକୁ ନେଇ ପରିସ୍ଥିତି ଜଟିଳ ହେବାରେ ଲାଗିଛି।



## ଭାରତ ବିକାଶ ପରିଷଦର ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ୬।୪(ସମିସ):** ଭଦ୍ରକ ବନ୍ତ ଛକସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଭାରତ ବିକାଶ ପରିଷଦର ଏକ ସାମ୍ବାଦିକ ସମ୍ମିଳନୀରେ ଶାଖାର କାର୍ଯ୍ୟ ପନ୍ଥା, ଆଗାମୀ ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରାଯାଇଛି। ଗାଁ ଗାଁରେ ଲୋପ ପାଇଯାଇଥିବା ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ଅସହାୟ ଅନାଥ ପିଲାଙ୍କୁ ଥଇଥାନ ଓ ଶିକ୍ଷା ପ୍ରଦାନ ଆଦି କ୍ଷେତ୍ରରେ ପରିଷଦର କାର୍ଯ୍ୟକରୁଛି ବୋଲି ଶାଖା ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ରାମଚନ୍ଦ୍ର ପଣ୍ଡା କହିଥିଲେ।ଗତ ୨୦୨୩ ଡିସେମ୍ବର ୨୩ରେ ଭଦ୍ରକ ଶାଖା ଆରମ୍ଭ ହୋଇଥିଲା। ସମ୍ପାଦକ ଇଂ.ପ୍ରଦୀପ ପୁହାଣ କହିଥିଲେ ସେବା, ସହଯୋଗ, ସଂସ୍କାର, ସମର୍ପଣ ଓ ସମ୍ପର୍କ ଏହି ୫ ଆଧାରରେ ପରିଷଦ କାମ କରୁଛି ବୋଲି କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ନାଗରିକ ରାଷ୍ଟ୍ର ଗଠନରେ ନିଜର ମତଦାନ କରିବାର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ସହ ଅନ୍ୟମାନଙ୍କୁ ନିର୍ବାଚନ ପର୍ବରେ ସାମିଲ ହେବା ପାଇଁ ସଚେତନ କରିବାକୁ କୋଷାଧକ୍ଷ ଇଂ.ବିଭୁକଲ୍ୟାଣ ସ୍ୱାଇଁ ଆହ୍ୱାନ ଦେଇଥିଲେ। ପରିଷଦ ପକ୍ଷରୁ ମିଡିଆ ସେଲ ସଂଯୋଜକ ଭାବେ ସାମ୍ବାଦିକ ସନାତନ ରାଉତ ଓ ଆଇନ ପରାମର୍ଶଦାତା ଭାବେ ଆଡ଼ଭୋକେଟ ହିମାଂଶୁଶେଖର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ସମ୍ମିଳନୀରେ ଶାଖାର ସଦସ୍ୟ ଆଶିଷ ଦ୍ୱିବେଦୀ, ସଞ୍ଜୟ ରାଉତ, ସମୀର ଘଡେଇ, କଲ୍ୟାଣୀପ୍ରଭା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




## ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା ଲାଗି ପ୍ରସ୍ତୁତି

**ଦୋବଲ, ୬।୪(ସମିସ):** ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁରରେ ମା' ରକ୍ଷାକାଳୀଙ୍କ ପୂଜା ଲାଗି ପ୍ରସ୍ତୁତି ଶେଷ ହୋଇଛି। ଚୈତ୍ରମାସ ଅମାବାସ୍ୟାରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ଏଥର ଶନିବାର ରାତିରୁ ପୂଜା ଆରମ୍ଭ ହୋଇ ରବିବାର ବିସର୍ଜନ ହେବ। ଏଥର ପ୍ରାୟ ୪୦ ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେବ ବୋଲି ଅନୁମାନ କରାଯାଉଛି। ଏହାକୁ ନଜରରେ ରଖି ଧାମନଗର ତହସିଲ, ବ୍ଲକ ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଦଳାଙ୍ଗ ଆର୍‌ଆଇ ଅଫିସ ପାଖରେ ଥିବା ପଡ଼ିଆରେ ଓ ରଥ ମାହାରା କୀର୍ତ୍ତନ ଦାଣ୍ଡ ଏବଂ ମହାନ୍ତି ସାହି ଡାକଘର ପାଖରେ ପାର୍କିଂ ବ୍ୟବସ୍ଥା ହୋଇଛି। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ସ୍ଥାନରେ ଗାଡ଼ି, ସାଇକଲ ରଖିବାକୁ କୁହାଯାଇଛି। ସେହିପରି ଖରାଦିନ ହୋଇଥିବାରୁ ଆବଶ୍ୟକ ପାନୀୟ ଜଳର ବ୍ୟବସ୍ଥା କରିଛି ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟାଳୟ। ଗାଁରେ ଥିବା ନଳକୂପଗୁଡ଼ିକୁ ସଜଡ଼ା ଯାଇଛି। ଏହାସହ ଟ୍ୟାଙ୍କରରେ ପାଣି ରଖାଯିବାର ବ୍ୟବସ୍ଥା ହୋଇଛି। ସୁରକ୍ଷା ପାଇଁ ଆବଶ୍ୟକ ଅନୁସାରେ ପୁଲିସ ମୁତୟନ କରାହୋଇଛି। ନିର୍ବାଚନ ସମୟ ଥିବାରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।



ରାମେଶ୍ୱରପୁରର ମା' ରକ୍ଷାକାଳୀଙ୍କ ପୂଜା କେଉଁ କାଳରୁ ହୋଇଆସୁଛି। ଲୋକ କଥା ଅନୁସାରେ, ସ୍ଥାନୀୟ ଅଞ୍ଚଳର ଜଣେ ଜମିଦାର ମା'କାଳୀଙ୍କ ଭକ୍ତ ଥିଲେ। ସେ କୋଲକାତା ଯାଇ ମା'ଙ୍କ ଆରାଧନା କରି ସାଥୀରେ ନେଇ ଆସିଥିଲେ। ତେବେ ରାମେଶ୍ୱରପୁର ମା' ସ୍ୱୟଂ ରହିଯାଇଥିଲେ। ସେଦିନ ଥିଲା ଚୈତ୍ର ମାସ ଅମାବାସ୍ୟାର ପୂର୍ବ ରାତି। ଏଣୁ ସେବେଠାରୁ ଏହିଦିନରେ ମା'ଙ୍କର ପୂଜା ହୋଇ ଆସୁଛି। ସେହିପରି ଲୋକଙ୍କର ବିଶ୍ୱାସ ଯେ, ମା'ଙ୍କ ପାଖରେ ଯିଏ ଯାହା ମାନସିକ କରେ, ତାହା ପୂରଣ ହୋଇଥାଏ। ମା'ଙ୍କୁ ମନ୍ଦାର ଫୁଲ ଓ ଗୁଆ ଦେଇ ମାନସିକ କରିଥାନ୍ତି ଲୋକେ। ଦୂରାରୋଗ, ବିବାହ ସମସ୍ୟା, ସନ୍ତାନ ପ୍ରାପ୍ତି, ଯୁଦ୍ଧ ଜିଣିବା, ବେରୋଜଗାରୀଟିଏ ରୋଜଗାର ସୁବିଧା ପାଇଁ ଆସି ଏଠାରେ ମାନସିକ କରିଥାନ୍ତି। ଆଉ ମାନସିକ ପୂରଣ ହେବା ପରେ ଆସି ମା'ଙ୍କ ପାଖରେ ବୋଦା ବଳି ଦେଇଥାନ୍ତି। ହେଲେ କିଛି ବର୍ଷ ହେଲା ପ୍ରଶାସନର ପ୍ରତିବନ୍ଧକ ଯୋଗୁଁ ଏଠାରେ ବଳି ପଡୁନାହିଁ। ତା' ବଦଳରେ ବୋଦାର କାନରୁ ଟିକେ ଛେଦନ କରି ମାଆଙ୍କୁ ଅର୍ପଣ କରାଯାଉଛି।

## ସାପ୍ତାହିକ ଜଗନ୍ନାଥ ମହୋତ୍ସବ ଉଦଯାପିତ

**ଅସୁରାଳି, ୬।୪(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ଗ୍ରାମପଞ୍ଚାୟତର ବନସର୍ ଗ୍ରାମରେ ସର୍ବପୁରାତନ ଆଧାତ୍ମିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ସପ୍ତା ପୂଜା କମିଟି ଆନୁକୂଲ୍ୟରେ ସପ୍ତା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ସୁସଜ୍ଜିତ ପ୍ରତିମା ପୂଜା ମଣ୍ଡପରେ ସ୍ଥାପିତ ହୋଇଛନ୍ତି। ସନ୍ଧ୍ୟା ଆଳତି ପରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଜଗନ୍ନାଥ ସଂସ୍କୃତି ଓ ଆଧାତ୍ମିକ ଆଲୋଚନା ସହିତ ଆଞ୍ଚଳିକ ସଙ୍ଗୀତ କଳାକାରମାନଙ୍କୁ ନେଇ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ସପ୍ତା ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଏହା ପରେ ଅଷ୍ଟପ୍ରହରୀ ଆରମ୍ଭ ହୋଇଥିଲା। ଏଥିରେ ଗଙ୍ଗାଧର ମଲ୍ଲିକ, ଶ୍ୟାମସୁନ୍ଦର ସାହୁ, ମାୟାଧର ସାମଲ, ରସାନନ୍ଦ ରାଉତ, ଦାମୋଦର ମଲ୍ଲିକ, ଲକ୍ଷ୍ମଣ ସାହୁ, ରବୀନ୍ଦ୍ର ଲେଙ୍କା, ଗୟାଧର ସାହୁ, ଅନନ୍ତ ଦଳାଇଙ୍କ ସମେତ ଗ୍ରାମରେ ଯୁବ ପ୍ରତିଭା ନନ୍ଦକିଶୋର ସାହୁ, ହୃଦାନନ୍ଦ ମଲ୍ଲିକ, କମଳାକାନ୍ତ ଦଳାଇ, ସୁଜିତ ସାହୁ, ଅରୂପ ମଲ୍ଲିକ, ମଦନ ସାହୁ, ଆଲୋକ ସାହୁ, ପ୍ରଫୁଲ୍ଲ ସାହୁ, ଦୁର୍ଗା ଚରଣ ନାୟକ, ଅମର ବାରିକ ସହଯୋଗ କରିଥିଲେ। କୀର୍ତ୍ତନ ପରିଚାଳନା କରିଥିଲେ ରମେଶ ପୃଷ୍ଟି, ଗଗନ ସାହୁ, ଅମିୟ ମଲ୍ଲିକ, ବାଇଧର ମହାନ୍ତି, ବାଇଧର ସାହୁ ଓ ଅନ୍ୟମାନେ।



ସହରର ମୁଖ୍ୟରାସ୍ତାରେ ବେଧଡ଼କ ପାର୍କିଂ

# ଯାତାୟାତର ଯମଯନ୍ତ୍ରଣା ଭୋଗୁଛନ୍ତି ପଥଚାରୀ

**ବାସୁଦେବପୁର, ୬।୪(ସମିସ)**

ବାସୁଦେବପୁର ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ ଏବେ ପାର୍କିଂ ସ୍ଥାନ ପାଲଟିଛି। ଏଥିସହିତ ସହରର କେତେକ ମୁଷ୍ଟିମେୟ ବ୍ୟବସାୟୀଙ୍କ କବଜାରେ ରହିଛି ମୁଖ୍ୟ ରାସ୍ତା। ନିଜର ବ୍ୟକ୍ତିଗତ ବଡ ବଡ ଗାଡି ଦିନ ଦିନ ଧରି ଛିଡା କରି ବ୍ୟବସାୟ ଚଳାଇ ଆସୁଛନ୍ତି। ମଝି ରାସ୍ତା ଉପରେ ଗାଡି ଛିଡାକରି ବେଧଡକ ମାଲ ଲୋଡିଂ ଓ ଅନଲୋଡିଂ ଚଳାଉଥିବା ଦେଖିବାକୁ ମିଳୁଛି। ଯାହା ଫଳରେ ଯାତାୟତ ସାଙ୍ଘାତିକ ଭାବେ ପ୍ରଭାବିତ ହେଉଛି। ସ୍ଥାନୀୟ ସହର ମଧ୍ୟଦେଇ ଜାତୀୟ ରାଜପଥର ଜାମୁଝାଡି ଠାରୁ ଧାମରା ଯାଏ ଦୀର୍ଘ ୬୨ କିଲୋମିଟର ଲମ୍ବର ଏହି ରାଜ୍ୟ ସଡ଼କ ପଥ ୩୨୦ କୋଟି ବ୍ୟୟରେ ଏହି ନିକଟରେ ନିର୍ମାଣ ସରିଛି। ହେଲେ ରାସ୍ତା ନିର୍ମାଣ ପୂର୍ବରୁ ବାସୁଦେବପୁରବାସୀଙ୍କୁ ଯାତାୟତର ଯାହା ସ୍ୱପ୍ନ ଦେଖାଇଥିଲା ପ୍ରଶାସନ ତାହା ଫସର ଫାଟିଲା। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣରେ ଝୁଲିବା ଫଳରେ ରାସ୍ତାକୁ ସଙ୍କୁଚିତ କରି ଯେନେକେନେ ସାରିଦେଲେ। ପରେ ରାସ୍ତା ନିର୍ମାଣ ପ୍ରସଙ୍ଗକୁ ନେଇ ବିଭିନ୍ନ ସମୟରେ ଚାପା ଗୁଞ୍ଜରଣ ମଧ୍ୟ ପ୍ରକାଶ ପାଇଲା। ହେଲେ ସରକାରୀ କଳ ଲୋକଙ୍କ ଦାବିକୁ ପ୍ରହସନ କରି କେତେକାଂଶରେ ସଙ୍କୁଚିତ କରି ନିର୍ମାଣ କରିଦେଲା। ଏବେ ତାହାର ପରିଣାମ ସହରବାସୀ ଭୋଗିବାକୁ ପଡ଼ିଲା। ସଙ୍କୁଚିତ ରାସ୍ତା ଉପରେ ଗାଡି ପାର୍କିଂ ସହିତ ଧାମରା ବନ୍ଦରକୁ ଲୁହାପଥର ଓ କୋଇଲା ପରିବହନ ଯାତାୟାତର ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଯାତାୟାତର ଯନ୍ତ୍ରଣା ଭୋଗିବା ସହିତ ଅନେକ ଧନଜୀବନ ବି ହରାଇବାକୁ ପଡୁଛି। ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣାରେ ଲୋକ ନାହିଁ ନଥିବା ସମସ୍ୟା ଭିତରେ ଘାଣ୍ଟି ହେଉଛନ୍ତି। କେତେକାଂଶରେ ଅନାୟସରେ ପ୍ରାଣହାନୀ ହେଉଥିବା ଘଟଣାରେ ଲୋକମାନେ ରକ୍ତମୁଖା ହୋଇ ପ୍ରତିବାଦକୁ ଓହ୍ଲାଉ ଥିବା ବେଳେ ତମାମ ପୁଲିସ ପ୍ରଶାସନ ସଡ଼କ ସୁରକ୍ଷା ଦିଗରେ ବାରମ୍ବାର ପ୍ରତିଶ୍ରୁତି ବି ଦେଇ ଆସିଛି। ପାର୍କିଂ ଓ ବେପରୁଆ ଗାଡି ଚାଳନା ପ୍ରତି ବିଶେଷ ଦୃଷ୍ଟି ଦେବ ବୋଲି ଲୋକଙ୍କୁ ସାନ୍ତ୍ୱନା ମଧ୍ୟ ଦେଇନ୍ତି। ତେବେ ପରବର୍ତ୍ତୀ ସମୟରେ ଲୋକଙ୍କ ପାଇଁ ପୁଲିସ ପ୍ରଶାସନର ପ୍ରତିଶୃତି ଧୂଆଁବାଣ ସାବ୍ୟସ୍ତ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ସହରର ମାତାଜୀ ମଠ ଛକ ଠାରୁ ଚାଟେରୀ ଛକ ପର୍ଯ୍ୟନ୍ତ ଦୀର୍ଘ ତିନି କିଲୋମିଟର ପାରି ହେବାକୁ ଯାତ୍ରୀମାନେ ଯାତାୟାତର ପ୍ରମାଦ ଗଣି ଆସୁଛନ୍ତି। ବିଶେଷ ଭାବେ ସହରର ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଗଢି ଉଠିଥିବା ସିମେଣ୍ଟ ଓ ଲୁହାରଡ ବ୍ୟବସାୟରେ ଲାଗିଥିବା ବଡ଼ ବଡ଼ ଟ୍ରକ୍ ରାସ୍ତା ଉପରେ ବର୍ଷ ବର୍ଷ ଧରି ଛିଡା କରି ବ୍ୟବସାୟ ଚଳାଇ ଆସୁଛନ୍ତି କେତେକ ବ୍ୟବସାୟି। ବେଧଡକ ଭାବେ ସହରର ମଧ୍ୟସ୍ଥଳୀରେ ଆଳୁ ଗୋଦାମ ସାଙ୍ଗକୁ ଚିଙ୍ଗୁଡି ଖାଦ୍ୟ ଓ ଅନ୍ୟ ବ୍ୟବସାୟୀମାନେ ସମସ୍ତ ନିୟମ ବ୍ୟବସ୍ଥାକୁ ଫୁଙ୍କରି ଗାଡି ଘଣ୍ଟା ଘଣ୍ଟା ଛିଡା କରୁଛନ୍ତି। ଫଳରେ ବହୁ ସମୟରେ ଅସହ୍ୟ ଖରା ତାତିରେ ମଧ୍ୟ ଟ୍ରାଫିକ ଜାମ ମଧ୍ୟ ଦେଖାଦେଉଛି। ମୁଣ୍ଡ ଟେକିଥିବା ଏହି ସମସ୍ୟା ଉପରେ ବିଭିନ୍ନ ମହଲରୁ ପ୍ରତିବାଦ ସହିତ ସମାଧାନ ପାଇଁ ଦାବି ହୋଇ ଆସୁଥିଲେ ବି ସ୍ଥାନୀୟ ପୁଲିସ ପ୍ରଶାସନ ଏଥିପ୍ରତି କାହିଁକି ଦୃଷ୍ଟି ଦେଉ ନାହାଁନ୍ତି ତାହା ବଡ ଚିନ୍ତାର କାରଣ ପାଲଟିଛି।




## ବିଜେପିର ପ୍ରତିଷ୍ଠା ଦିବସ

**ତିହିଡ଼ି/ଭଣ୍ଡାରିପୋଖରୀ, ୬।୪(ସମିସ):** ତିହିଡିରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତିହିଡି ଟାଉନହଲ ସାମ୍ନାରେ ଏକ ସଭା ଯୁବନେତା ସୀତାକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ଧାମନଗର ନିର୍ବାଚନମଣ୍ଡଳୀ ପ୍ରଭାରୀ ବୁଦ୍ଧଦେବ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସାହିତ୍ୟିକ ଯଦୁମଣି ପାଣିଗ୍ରାହୀ, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ରଘୁନାଥ ପାତ୍ର, ବରିଷ୍ଠ ନେତା ଅଜୟ ମହାପାତ୍ର, ବିଜେପି ଜିଲ୍ଲା ଉପସଭାପତି ଦୁର୍ଗାଚରଣ ନାୟକ, ଯୁବନେତା ପ୍ରତାପ ଜେନା, ମନୋଜ ସେନାପତି, ଦେବେନ୍ଦ୍ର ପଣ୍ଡା, ପ୍ରିୟବ୍ରତ ପାଢ଼ୀ, ପଚାୟତ ସଭାପତି ପ୍ରଦୀପ ଜେନା, କେଶବ ବେହେରା, କୈଳାସ ଜେନା, ମାନସ ପୁହାଣ, ଅଭିମନ୍ୟୁ ବେହେରା, ଅଜୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭଣ୍ଡାରିପୋଖରୀ ବ୍ଲକ ମାଳଦା ଠାରେ ବଳଦେବଜୀଉ ସାଙ୍ଗଠନିକ ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଜେପିର ପ୍ରତିଷ୍ଠା ଦିବସ ଶନିବାର ପାଳନ ହୋଇଯାଇଛି। ଏଥିନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ନେତା ପ୍ରକାଶ ମହାପାତ୍ର, ମଣ୍ଡଳ ଉପସଭାପତି ଲଳିତ ନାୟକ, ଅଜୟ ରାଉତ, ସୁଧୀର ସାହୁ, ସାଧାରଣ ସମ୍ପାଦକ ସୁରେଶ ପତି, ଯୁବମୋର୍ଚ୍ଚା ସଭାପତି ଶିବାନୀ ଶଙ୍କର ସ୍ୱାଇଁ, ଶଶିରେଖା ପତି, ବିଶ୍ୱନାଥ ତ୍ରିପାଠୀ, ସତ୍ୟଜିତ ପାଣିଗ୍ରାହୀ, ସୁଦର୍ଶନ ସାମଲ, କରୁଣାକର ତରେଇ, ଦେବାଶିଷ ପଣ୍ଡା, ବାଳକୃଷ୍ଣ ନାୟକ ପ୍ରମୁଖ ବିଜେପିର ନୀତି, ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଦଳର ଭଣ୍ଡାରିପୋଖରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ମଣ୍ଡଳ ସଭାପତି ଗିରିଶ ସାମଲଙ୍କ ସଂଯୋଜନାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା।

## ମହାବାରୁଣୀ ଯୋଗ

# ବୈତରଣୀ ନଦୀରେ ବୁଡ଼ ଓ ପିଣ୍ଡଦାନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ଯାଜପୁର, ୬।୪(ସମିସ): ଚଳିତ ବର୍ଷ ମହାବାରୁଣୀ ଯୋଗ ପଡ଼ିଥିବାରୁ ବୈତରଣୀ ନଦୀରେ ବୁଡ଼ ପକାଇବା ସହିତ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଯାଜପୁର ସଦର ମହକୁମା ନିକଟସ୍ଥ ପୂଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ, ମହାଶ୍ମଶାନ ଘାଟ ଓ ବାଳାଶ୍ରମ ପଡ଼ିଆ ନିକଟ ନଦୀର ଉଭୟ ପାର୍ଶ୍ୱ ଘାଟରେ ଆଜି ପ୍ରତ୍ୟୁଷରୁ ଜିଲ୍ଲା ଓ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଏବଂ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇବା ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ।

ଚଳିତ ବର୍ଷ ସକାଳ ୭ଟା ୯ ମିନିଟରୁ ଅପରାହ୍ନ ୧୨ଟା ୫୭ ମିନିଟ ପର୍ଯ୍ୟନ୍ତ ଯୋଗ ରହିଥିଲା। ଏହି ସମୟରେ ଶ୍ରଦ୍ଧାଳୁମାନେ ବୈତରଣୀ ନଦୀରେ ବୁଡ଼ ପକାଇବା ସହିତ ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ଆନୁକୂଲ୍ୟରେ ଭକ୍ତ, ଶ୍ରଦ୍ଧାଳୁ, ଆଧାମ୍ତିକ ଗୁରୁ ଓ ଯାତ୍ରୀଙ୍କ ସୁବିଧା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବୈତରଣୀରେ ବୁଡ଼ ପକାଇବା ସ୍ଥାନ ଦଶାଶ୍ୱମେଧ ଘାଟ ଓ ମହାଶ୍ମଶାନ ଘାଟର ଉଭୟ କୂଳରୁ ବାଳାଶ୍ରମ ପଡ଼ିଆ ପର୍ଯ୍ୟନ୍ତ ବାରିକେଟିଂ ବ୍ୟବସ୍ଥା କରାଯାଇଥିଲା। ଭକ୍ତ ଓ ଯାତ୍ରୀମାନେ ବାରିକେଟିଂର ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସ୍ନାନ କରିବା ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିସାରିବା ପରେ ପିଣ୍ଡ ସାମଗ୍ରୀକୁ ପ୍ରଦୂଷଣ ରୋକିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇଥିଲେ। ପ୍ରଶାସନ ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା, ଯାତ୍ରୀଙ୍କ ଯାତାୟାତ ନିମନ୍ତେ ଏକମୁଖୀ ରାସ୍ତା, ଯାତ୍ରୀଙ୍କୁ ରୌଦ୍ରତାପରୁ ସୁରକ୍ଷା ନିମନ୍ତେ ଅସ୍ଥାୟୀ ଚାନ୍ଦୁଆ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା, ବାୟୋ ଟଏଲେଟ୍ ବ୍ୟବସ୍ଥା, ସୂଚନା କେନ୍ଦ୍ର ଓ ପୁଲିସ କଣ୍ଟ୍ରୋଲ ରୁମ୍, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା, ନଦୀ ଗର୍ଭରେ ଅଗ୍ନିଶମ ସେବା ବିଭାଗ ପକ୍ଷରୁ ପାୱାର ବୋଟ୍ ଓ ଉଦ୍ଧାରକାରୀ ଦଳ ମୁତୟନ କରାଯାଇଥିଲା। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଯାଜପୁର ପୌର ପରିଷଦର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ନିର୍ବାହୀ ଅଧିକାରୀ ଆଲୋକ କୁମାର ମହାନ୍ତି ଓ କର୍ମଚାରୀ ମହାବାରୁଣୀ ସ୍ନାନ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ।





ଚଳିତବର୍ଷ ସାଧାରଣ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ମହାବାରୁଣୀ ମେଳା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲା। ଯାଜପୁର ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ, ପୌର ପରିଷଦ, ଅଗ୍ନିଶମ ସେବା ବିଭାଗ, ପୁଲିସ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯାଜପୁରର ପାରମ୍ପରିକ ମହାବାରୁଣୀ ସ୍ନାନ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଦିଗରେ ବିଭାଗୀୟ ସେବା ଯୋଗାଇ ଦେଇଥିଲେ।

## ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ହାତୀବାରି, ୬।୪ (ସମିସ): ହାତୀବାରି ଗ୍ରାମରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ ୧ରୁ ୫ ତାରିଖ ଯାଏ ପାଞ୍ଚଦିନ ପର୍ଯ୍ୟନ୍ତ ଏହି ଉତ୍ସବ ଆୟୋଜିତ ହୋଇଥିଲା। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ କଳସ ଯାତ୍ରା, ତୃତୀୟ ଓ ଚତୁର୍ଥ ଦିବସରେ ଅର୍ଘ୍ୟ ପ୍ରଦାନ ଯଜ୍ଞ ଓ ପଞ୍ଚମ ଦିବସରେ ଯଜ୍ଞ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଚତୁର୍ଥ ଓ ପଞ୍ଚମ ଦିବସ ରାତ୍ରରେ ଅଧିକ ଭିଡ଼ ହୋଇଥିଲା। ଚାରଣ ଦଳର ପ୍ରବଚନ, ଭଜନ ସମାରୋହ ସହିତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଯଜ୍ଞର ଚତୁର୍ଥ ଦିବସରେ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡାଇ ଯୋଗଦେଇ ସୁକିନ୍ଦାବାସୀଙ୍କ ମଙ୍ଗଳ କାମନା କରିଥିଲେ।

## ମା' ନେଙ୍କୁରୁଶୁଣୀଙ୍କ ବାର୍ଷିକ ଉତ୍ସବ



ପାଣିକୋଇଲି, ୬।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ରୋଡ୍‌ରେ ଥିବା ମା' ନେଙ୍କୁରୁଶୁଣୀ ପୀଠରେ ଆଜି ମା'ଙ୍କ ବାର୍ଷିକ ଉତ୍ସବ ସହିତ ବାରୁଣୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟକ୍ଷ ଦେବୀ ମା' ନେଙ୍କୁରଶୁଣୀ ପୀଠରେ ପ୍ରତିବର୍ଷ ବାରୁଣୀରେ ଯଜ୍ଞ ଓ ମା'ଙ୍କ ଜନ୍ମବାର୍ଷିକ ପାଳନ କରାଯାଉଛି। ଭକ୍ତଙ୍କ ଦ୍ୱାରା ପୀଠ ନିକଟରେ ମହାବୀର ମୂର୍ତ୍ତି ସ୍ଥାପନା କରାଯାଇଥିବାବେଳେ ଶିବ ମନ୍ଦିର କାର୍ଯ୍ୟ ଆଗେଇ ଚାଲିଛି। ଆଜି ସକାଳୁ ବିଧି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବା ସହ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯଜ୍ଞ ସହିତ ନାମଯଜ୍ଞ ମଧ୍ୟ କରାଯାଇଥିଲା। ପୂଜକ ଭାବେ ପରମାନନ୍ଦ ଶତପଥୀ ଓ ପ୍ରସନ୍ନ ପଣ୍ଡା ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ଶଶୀଭୂଷଣ ସେନାପତି ସସ୍ତ୍ରୀକ କର୍ତ୍ତା ଭାବେ ଯୋଗ ଦେଇଥିବାବେଳେ ମା'ଙ୍କ କୃପାରୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ସେବକ ନେଙ୍କୁରୀ ମାଝୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କମିଟି ପକ୍ଷରୁ ଉତ୍ସବ ମହାରାଣା, ସତ୍ୟାନନ୍ଦ ମହାରଣା, ଦୀପକ ବେହେରା, କୁଳମଣି ଦାସ, ନରୋତ୍ତମ ସାମଲ, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ବିଶ୍ୱଜିତ ମହାନ୍ତି, ଶୋଭିନ ପରିଡ଼ା, ମନୋଜ ବେହେରା, ସନ୍ତୋଷ ପାତ୍ର, ସରୋଜ ଶତପଥୀ, ଭାସ୍କର ସାହୁ, ନରୋତ୍ତମ ସାମଲ, ବ୍ରହ୍ମାନନ୍ଦ ସାହୁ, ମାୟାଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।

## ଓଟିନ୍ଦାରେ ରାଧାକୃଷ୍ଣଙ୍କ ମିଳନ ଉତ୍ସବ

ପାଣିକୋଇଲି, ୬।୪(ସମିସ): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମରେ ରାଧାକୃଷ୍ଣ ମିଳନ ଉତ୍ସବ, ଦୋଳ ମୁଣ୍ଡାଇ ଓ ନୂତନ ପଞ୍ଜିକା ପଠନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଗ୍ରାମବାସୀ ଗୋପିନାଥ ମନ୍ଦିରରୁ ରାଧାକୃଷ୍ଣଙ୍କୁ ମନ୍ଦିରରୁ ଆଣି ବିମାନ ଯୋଗେ ଗ୍ରାମ ପରିକ୍ରମା କରିଥିଲେ। ନାମ ସଂକୀର୍ତ୍ତନ, ଶଙ୍ଖ, ହୁଳହୁଳି, ଘଣ୍ଟବାଦ୍ୟ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯିବା ପରେ ରାସସ୍ଥଳୀରେ ପ୍ରଭୁଙ୍କୁ ବିଜେ କରାଯାଇଥିଲା। ସେଠାରେ ନୂତନ ପାଞ୍ଜି ପଠନ ଓ ରାଜ୍ୟ, ଦେଶର ଭବିଷ୍ୟତ ଗଣନା ସହ ମେଣ୍ଢା ଘର ପୋଡାଯାଇଥିଲା। ସମସ୍ତ ଗ୍ରାମବାସୀ ଓ ଯୁବକମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ସମୂହ ପ୍ରସାଦ ସେବନ କରିଥିଲେ। ପୂଜକ ଭାବେ ରଘୁନାଥ ପାଢ଼ୀ, ପରମାନନ୍ଦ ଶତପଥୀ, ମୋହନ ଚରଣ ପାଢ଼ୀ, କୃଷ୍ଣଚନ୍ଦ୍ର ପାଢ଼ୀ, ରାଧାକାନ୍ତ ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ସତୀଶ ଧଳ, ଅଚ୍ୟୁତାନନ୍ଦ ସାହୁ, ଭୀମସେନ ଦାସ, ନଣ୍ଡା ଦାସ, ଅକ୍ଷୟ ସାମଲ, ଅୟୋଜ୍ୟୋତି ସମାଲ, ଶିବ ପ୍ରସାଦ ଗିରି, ଜିତେନ୍ଦ୍ର ଭାରତୀ, ଜଗବନ୍ଧୁ ସାମଲଙ୍କ ସମେତ ସମସ୍ତ ଯୁବକ ପରିଚାଳନାରେ ସହଯୋଗ କରିଥିଲେ।

## କବାଟବନ୍ଧ ମେଳଣ ଉଦ୍‌ଯାପିତ

 କବାଟବନ୍ଧ, ୬।୪ (ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ସର୍ବପୁରାତନ କବାଟବନ୍ଧ ମେଳଣ ଶନିବାର ଉଦଯାପିତ ହୋଇଯାଇଛି। ଚଳିତ ବର୍ଷ ୧୦୨ ବର୍ଷ ପୂରଣ କରିଥିବା ଏହି ମେଳଣ ବହୁ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ମେଳଣ ପର୍ବରେ ପ୍ରଭୁ ରାଧାମୋହନ ଜୀଉ ଓ ରାଧାଶ୍ୟାମ ଜୀଉଙ୍କ ବିମାନ ଗ୍ରାମ ପରିକ୍ରମା କରିଥିଲେ। ମୁଖ୍ୟ ପୂଜକ ରସାନନ୍ଦ ଶରଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଯଥାବିଧି ସମସ୍ତ ରୀତିନୀତି ସମାପ୍ତ କରାଯାଇଥିଲା। ମେଳଣ ଆଜି ଭୋର ୫ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନରେ ଶେଷ ହୋଇଥିଲା। ଏହି ମେଳଣ ଉତ୍ସବରେ କୀର୍ତ୍ତନ, ଭଜନ, ମେଲୋଡ଼ି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଭୁ ଫଗୁ ଖେଳିଥିଲେ। ଏହି ମେଳଣ ଉତ୍ସବ ପରିଚାଳନାରେ ମୁଖ୍ୟ ପରାମର୍ଶଦାତା ଯୋଗେନ୍ଦ୍ର ବେହେରା, ସମିତି ସଭ୍ୟଙ୍କ ପ୍ରତିନିଧି ଗଜେନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ଗଣେଶ୍ୱର ପରିଡ଼ା, ଅକ୍ଷୟ ସାହୁ, ଲିଙ୍ଗରାଜ କୁଣ୍ଡୁ, କାର୍ତ୍ତିକ କୁଣ୍ଡୁ, ସୋନୁ ପୃଷ୍ଟିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



## ଖରସ୍ରୋତାରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ସିଂହପୁର, ୬।୪ (ସମିସ): ବିଞ୍ଝାରପୁର ତହସିଲ ଅଧୀନସ୍ଥ ଓଳେଇ ଚନ୍ଦନପୁର ପଞ୍ଚାୟତ ନିକଟସ୍ଥ ଖରସ୍ରୋତା ନଦୀରେ ବୁଡି ଯାଇ ଆଜି ଜଣେ ମହିଳା ପ୍ରାଣ ହରାଇଛନ୍ତି। ଏହି ଗ୍ରାମର ପ୍ରମୋଦ ସାମଲଙ୍କ ପତ୍ନୀ ପ୍ରମିଳା (୬୪) ଆଜି ମଧ୍ୟାହ୍ନରେ ନିକଟସ୍ଥ ଖରସ୍ରୋତା ନଦୀକୁ ସ୍ନାନ କରିବାକୁ ଯାଇଥିବାବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିବାବେଳେ ଅଗ୍ନିଶମ ବାହିନୀକୁ ଖବର ଦେଇଥେଠଲ। ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ନଦୀରେ ଖୋଜାଖୋଜି କରିବା ପରେ ତାଙ୍କର ମୃତଦେହକୁ ଉଦ୍ଧାର କରାଯାଇଥିଲା। ଏ ନେଇ ବିଞ୍ଝାରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଭଳି ଏକ ଦୁଃଖଦ ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ଓଲଟିଲା ଡମ୍ପର, ଡ୍ରାଇଭର ମୃତ

କବାଟବନ୍ଧ, ୬।୪(ସମିସ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ କବାଟବନ୍ଧ-କଲାଣ୍ଡ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ଏକ ଡମ୍ପର ଦୁର୍ଘଟଣା ହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଡ୍ରାଇଭର ଜଣଙ୍କ ହେଲେ ଏହି ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାଲିକୁଦିଆ ଗ୍ରାମର ଟିମିଣୀ ମଲିକଙ୍କ ପୁଅ ତପନ ମଲିକ( ୩୫)। ତପନ ଉକ୍ତ ଡମ୍ପରକୁ ଚଳାଉଥିଲେ। ଶନିବାର ଅପରାହ୍ନରେ ତପନ ନଦୀବନ୍ଧ ରାସ୍ତା ଦେଇ ନିଜ ଘର ବାଲିକୁଦିଆକୁ ଫେରୁଥିବା ସମୟରେ ଅସାବଧାନତା ହେତୁ ଭାରସ୍ୟାମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗାଡ଼ିର ଡୋର ଖୋଲିଯିବା ଫଳରେ ତପନ ଡ୍ରାଇଭର ସିଟରୁ ଛିଟିକି ପଡ଼ି ଗାଡ଼ି ଚକା ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ଉପରେ ଗାଡ଼ି ଚଢି ଯାଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଜେନାପୁର ପୁଲିସ ଓ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

## ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ନେଲାନି ପାଟ୍ରୋଲିଂ ପୁଲିସ

ପାଣିକୋଇଲି, ୬।୪(ସମିସ): ରାଜପଥରେ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇବା ଲାଗି ପରିବହନ ବିଭାଗ ଓ ଜିଲ୍ଲା ପ୍ରଶାସନ ପ୍ରତିବର୍ଷ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରୁଛନ୍ତି। ଏଥିସହିତ ଜିଲ୍ଲା ପୁଲିସକୁ ସହଯୋଗ କରିବା ଲାଗି ପାଟ୍ରୋଲିଂ ପୁଲିସ ନିୟୋଜିତ କରିଥିବାବେଳେ କିଛି ଅସାଧୁ କର୍ମଚାରୀଙ୍କ ଲାଗି ଜିଲ୍ଲା ପୁଲିସ ବଦନାମ ମୁଣ୍ଡାଉଛି। ତେବେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଦୁର୍ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇ ରାସ୍ତା ଉପରେ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ କାର୍ଯ୍ୟରତ ପାଟ୍ରୋଲିଂ ଅଧିକାରୀ ଉକ୍ତ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ସରକାରୀ ଗାଡ଼ିରେ ନେବାକୁ ମନା କରିଦେଇଥିଲେ। ବଣହରା ଗ୍ରାମର ଜଣେ ବ୍ୟକ୍ତି ପାଣିକୋଇଲିରୁ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡ଼ରରେ ପିଟି ହୋଇଯାଇଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ପ୍ରମୋଦ କୁମାର ବିନ୍ଧାଣୀ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ଅନୁରୋଧ ସତ୍ତ୍ୱେ ଉକ୍ତ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନିଜ ସରକାରୀ ଗାଡ଼ିରେ ନେବା ଲାଗି ମନା କରିଦେଇଥିଲେ। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ଦିଗରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୨ ଷଣ୍ଢ ଚୋର ଗିରଫ



ବ୍ୟାସନଗର, ୬।୪(ସମିସ): ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ବ୍ୟାସ ସରୋବର ପଡ଼ିଆରେ ବୁଲୁଥିବା ୨ ଷଣ୍ଢକୁ ଚୋରି କରି ନେବା ଅଭିଯୋଗରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଶୁକ୍ରବାର ବ୍ୟାସ ସରୋବର ପଡ଼ିଆରେ ବୁଲୁଥିବା ୨ ଷଣ୍ଢକୁ କୁଆଖିଆ ଥାନା ଶ୍ରୀବନ୍ତପୁର ଅଞ୍ଚଳର ସେକ ଜାକିର ହୁସେନଙ୍କ ପୁଅ ସେକ ଅନୱର ହୁସେନ ଓରଫ ସେକ କାଳିଆ(୨୪) ଓ ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ଦିଲ୍ଲୀପ ରଣାଙ୍କ ପୁଅ ଦୀପକ ରଣା(୨୭) ଏକ ଅଟୋରେ ନେଇ ଚମ୍ପଟ ମାରୁଥିବାବେଳେ ସ୍ଥାନୀୟ କେତେକ ବ୍ୟକ୍ତି ସନ୍ଦେହ କରି ଅଟୋକୁ ଅଟକାଇଥିଲେ। ପରେ ସେମାନେ ଷଣ୍ଢ ୨ଟିକୁ ଚୋରି କରି ନେଉଥିବା ଜାଣିବା ପରେ ଯାଜପୁରରୋଡ୍ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ, ଷଣ୍ଢ ଦୁଇଟିକୁ ହେପାଜତକୁ ନେବା ସହିତ ୨୨୮ ।୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଦହି ସର୍ବତ ଓ ପାନୀୟଜଳ ବଣ୍ଟନ

ଯାଜପୁର, ୬।୪(ସମିସ): ପବିତ୍ର ମହାବାରୁଣୀ ଯୋଗ ଦିବା ୭ଘଟିକା ୯ ମିନିଟ୍‌ଠାରୁ ଦିବା ୧୨ଘଟିକା ୫୭ ମିନିଟ୍ ପର୍ଯ୍ୟନ୍ତ ପଡ଼ିଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା ବୈତରଣୀ ଘାଟରେ। ଏହି ସମୟରେ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପ୍ରବଳ ଖରାରୁ ସାମାନ୍ୟ ଆଶ୍ୱସ୍ତି ଦେବା ଲକ୍ଷ୍ୟରେ ସରବତ ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଶ୍ରୀବିରଜା ସେବା ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ଉପ-ସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ସଭ୍ୟ ନୃସିଂହ ଚରଣ ମହାପାତ୍ର, ମଧୁସୂଦନ ମହାନ୍ତି, ଭରତ କୁମାର ସାହୁ, ଧନଞ୍ଜୟ କେଶରୀ ରାଉତରାୟ, ବ୍ରହ୍ମାନନ୍ଦ ସ୍ୱାଇଁ, ମିହିର ରଞ୍ଜନ ନାୟକ, ରାମକୃଷ୍ଣ ବେହୁରିଆ, ଜଗତ ନାୟକ, ଅଭିଜିତ ନାୟକ, କୁଳମଣି ରାଉତ, ଗଦାଧର ରାଉତ, ବିଷ୍ଣୁ ଚରଣ ଲେଙ୍କା, ବନବିହାରୀ ମହାପାତ୍ର, ମହେନ୍ଦ୍ର କୁମାର ଦାସ, ବିଜୟ କୁମାର ପଣ୍ଡା, ହିମାଂଶୁ ଭୂଷଣ ନନ୍ଦ, ଲିଙ୍ଗରାଜ ମିଶ୍ର, ପ୍ରଭାତ ପତି, ମଳୟ କୁମାର ପଣ୍ଡା, ସୁଧାରଞ୍ଜନ ପଣ୍ଡା, ସାମ୍ବାଦିକ ବିରଜା ପ୍ରସାଦ ପାଣି, ସାମ୍ବାଦିକ ଦେବୀ ପ୍ରସାଦ ପାଣି, ସାମ୍ବାଦିକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଜଗନ୍ନାଥ ମନ୍ଦିର ନିକଟରେ ଯାଜପୁର ଜିଲ୍ଲା କିନ୍ନର ସଂଘ ପକ୍ଷରୁ ମଧ୍ୟ ଛଳଛତ୍ର କରାଯାଇଥିଲା। ଏହାକୁ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଂଘ ପକ୍ଷରୁ କାଜଲ କିନ୍ନର, ଲଭଲି କିନ୍ନରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଶହ ଶହ ଶ୍ରଦ୍ଧାଳୁଙ୍କୁ ସରବତ ବଣ୍ଟନ କରିଥିଲେ।



## ହାତୀବାରି ଦଳେଇ ସାହିରେ ଅଗ୍ନିକାଣ୍ଡ

ହାତୀବାରି, ୬।୪ (ସମିସ): ହାତୀବାରି ଗ୍ରାମ ଦଳାଇ ସାହିର କୁଶ ଦଳାଇଙ୍କ ଘରେ ନିଆଁ ଲାଗି ଦୁଇ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଆଜି ଅପରାହ୍ନ ୧.୩୦ ସମୟରେ ଘରେ କେହି ନ ଥିବାବେଳେ ହଠାତ ଘରେ ନିଆଁ ଲାଗିବା ଦେଖି ପଡ଼ିଶା ଲୋକେ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚିଲା ବେଳକୁ ପ୍ରାୟତଃ ଅଧାଅଧି ପଡ଼ିଶା ଓ ଗାଆଁ ଲୋକେ ନିଆଁ ଲିଭାଇ ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ସେତେବେଳକୁ ଘରର ସମସ୍ତ ଆସବାବପତ୍ର ଓ ଧାନ ଚାଉଳ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରକାରୀ ପଦାଧିକାରୀଙ୍କୁ ଏହାର ଉଚିତ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘର ପୋଡିର ସଠିକ୍ କାରଣ ଜଣାପଡ଼ିନାହିଁ।



## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଟମକା, ୬।୪(ସମିସ): ସ୍ଥାନୀୟ ଶ୍ରୀରାମ ଯୁବକ ସଂଘ ପରିସରରେ ଥିବା ପ୍ରଭୁ ଶ୍ରୀରାମଙ୍କ ଅଷ୍ଟମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ସମୟରେ କଳସ ବ୍ରତଧାରୀ ହାଟସାହି ଗଣ୍ଡା ନାଳରୁ ଟମକା ଛକ ଦେଇ କଳସ ଯାତ୍ରା ପରେ ପୂଜା ମଣ୍ଡପରେ ବିଶ୍ୱର କଲ୍ୟାଣ ନିମନ୍ତେ ବିଶ୍ୱଶାନ୍ତି ମହାଯଜ୍ଞରେ ସ୍ଥାପନ କରିଥିଲେ। ପଣ୍ଡିତ ମାନସ ହୋତା, ଅଶୋକ ହୋତା ଓ ଅକ୍ଷୟ ହୋତା ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଏହି ଉତ୍ସବରେ ସନ୍ତୋଷ ବେହେରା, ଅତିଶ କୁମାର ରଥ, ନିରଞ୍ଜନ ଦ୍ୱିବେଦୀ, ନୀଳମଣି ମହାନ୍ତ, ବୁଧିମନ୍ତ ବେହେରା, ଚିତ୍ତରଞ୍ଜନ ବାରିକ, ଗଣେଶ୍ୱର ମହାରଣା, ବିଜୟ ବାରିକ, ସଞ୍ଜୟ ଦେହୁରୀ, ଅକ୍ଷୟ ଦେହୁରୀ, ସନାତନ ବାରିକ, ରଶ୍ମିରଞ୍ଜନ ମହାନ୍ତ, ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖଙ୍କ ସମେତ ଶ୍ରୀରାମ ଯୁବକ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ପ୍ରଶାସନ ନିରବଦ୍ରଷ୍ଟା

# ମାଫିଆଙ୍କ କବ୍‌ଜାରେ ଶହ ଶହ ଏକର ସରକାରୀ ଜମି

ଚଢ଼େଇଧରା, ୬।୪(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଞ୍ଚଳ ଏବେ ଜମିମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଉକ୍ତ ତହସିଲର ବିଭିନ୍ନ ଅଞ୍ଚଳରେ ଜମି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ବଳରାମପୁର, କୁସୁନପୁର, ଅଞ୍ଜିରା ମୌଜାର ବାଲିସାହି, ତେଲିପୋଖରୀ, ସାହାଣୀଡିହ, ନୁଣିବେର, ବାରମାଣ, ବରଡା, ଡଙ୍କାରୀ, ବିଛାଖଣ୍ଡି, ଗୋବରେସର, ରାହାଡପୁର, ମହିଶରା, ଓସରା ବରଡା, ମଧୁପୁରଗଡ଼, ଓସରା, ମାଣ୍ଡିଆ, ପାଖର, ପୋବଳ, ଆରୁହା, ହରିଦାସପୁର, ନେଉଳପୁର, ଜାରକା, ପୁରୁଣା ବଉଳମାଳ, ସୁକୁଟିଝର, ଚକନାକପୋଲ ପ୍ରଭୃତି ବିଭିନ୍ନ ସ୍ଥାନରେ ଶହ ଶହ ଏକର ସରକାରୀ ଓ ଜନସାଧାରଣଙ୍କ ଭୂସମ୍ପତ୍ତି ଜମି ମାଫିଆଙ୍କ କବଜାରେ ରହିଛି।

ଧର୍ମଶାଳା ତହସିଲ ଓ ଯାଜପୁର ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ଜ୍ଞାତସାରରେ ଜମି ମାଫିଆ ମନଇଚ୍ଛା ଗୋଚର, ସରକାରୀ ଅନାବାଦୀ, ଜଙ୍ଗଲ କିସମ ଆଦି ଶହ ଶହ ଏକର ସରକାରୀ ଜମି ଜବରଦଖଲରେ ରଖିଛନ୍ତି। ଉକ୍ତ ସ୍ଥାନରେ ତାରବାଡ, ପାଚେରି ନିର୍ମାଣ କରିବା ସହିତ କୋଠା ଘର ନିର୍ମାଣ କରିଛନ୍ତି। ଅନେକ ସ୍ଥାନରେ ବ୍ୟାବସାୟିକ ସଂସ୍ଥା କରି କୋଟି କୋଟି ଟଙ୍କାର ଲାଭ କରୁଛନ୍ତି। ଅନ୍ୟପକ୍ଷରେ କେତେକ ଜମି ମାଫିଆ କୋଟି କୋଟି ଟଙ୍କାର ଜମିକୁ ଶାଗମାଛ ଦରରେ ଗରିବ ଓ ଅନୁସୂଚିତ ଜାତି ବର୍ଗର ଲୋକମାନଙ୍କଠାରୁ କୌଶଳ କରି କିଣୁଛନ୍ତି। ଏଥିସହ ଉକ୍ତ ଜମି ସଂଲଗ୍ନରେ ଥିବା ଗୋଚର, ଅନାବାଦୀ ଓ ଜଙ୍ଗଲ କିସମ ଜାଗାକୁ ଜବରଦଖଲ କରିଛନ୍ତି। ସେହି ଜମିକୁ ବଡ଼ ବଡ଼ ବ୍ୟବସାୟୀ ତଥା ଶିଳ୍ପପତିଙ୍କୁ କୋଟି କୋଟି ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିଛି। ଏ ସବୁ କାରବାରରେ ବଡ ବଡ ବ୍ୟବସାୟୀ, ଶିଳ୍ପପତି, ଜମିମାଫିଆ ସମ୍ପୃକ୍ତ ରହିଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଗରିବ ସାଧାରଣ ବର୍ଗ ଗରିବଙ୍କୁ ଗୁଣ୍ଠେ ମିଳୁନି। ଅନୁସୂଚିତ ଜାତି ଓ ଉପଜାତିର ଲୋକେ ଗୁଣ୍ଠ ଜମି ପାଇଁ ଉକ୍ତ ତହସିଲକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ହେଁ ସେମାନଙ୍କୁ ମିଳୁନି। ଫଳରେ ଘର ପଟ୍ଟା ନ ଥିବାରୁ ଗରିବ ଲୋକମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ଧର୍ମଶାଳା ତହସିଲଦାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁନି। ଗରିବଙ୍କ ଅସୁବିଧାକୁ ପ୍ରଶାସନ ଅଣଦେଖା କରୁଛି। ଅନେକ ସରକାରୀ ଗୋଚର ଅନାବାଦୀ ଓ ଜଙ୍ଗଲ ଜମି ଧର୍ମଶାଳା ତହସିଲରେ ଜାଲ୍ କାଗଜପତ୍ର ଦର୍ଶାଇ ଜମି ମାଫିଆଙ୍କ ନାଁରେ କରାଯାଇଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।



